# ମାଣ୍ଡିଆ ରସାବଳି



***ଆବଶ୍ୟକ ସାମଗ୍ରୀ:*** *ରାବିଡି ପାଇଁ ନିଅନ୍ତୁ ଗୋଟିଏ ଲିଟର କ୍ଷୀର, ମାଣ୍ଡିଆ ୩ ଚାମଚ, ସୁଜି ଗୋଟେ ଚାମଚ, ଚିନି ଗୋଟେ ଚାମଚ, ତିନୋଟି ଗୁଜୁରାତ*

***ପ୍ରସ୍ତୁତି ପ୍ରଣାଳୀ:*** *ମାଣ୍ଡିଆ, ସୁଜି, ଚିନିକୁ ପକାଇ ମିଶାନ୍ତୁ । ଏବେ ଏଥିରେ ପାଣି ଦେଇ ଗୋଳାନ୍ତୁ । ଏବେ ସେଥିରେ ଗୁଜୁରାତି ୩ଟି ଗୁଣ୍ଡ କରି ପକାଇ ଦିଅନ୍ତୁ । ଏବେ ଏଥିରେ ଟିକେ ଲୁଣ ପକାଇ ମିଶାନ୍ତୁ ।*

*ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ଏବେ ଏଥିରେ ଦୁଇ ଚାମଚ ତେଲ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଛୋଟ ଛୋଟ ପିଠା ଭଳି ପ୍ୟାନରେ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଗୋଟେ ପ୍ଲେଟ ଉପରେ କାଢି ଦିଅନ୍ତୁ। ଏହା ଉପରେ ରାବିଡିକୁ ଢାଳି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମାଣ୍ଡିଆ ରସାବଳି ।*

ଖବର

# 'ଯବାନ'କୁ ପଛରେ ପକାଇ ନଂ ୧ ହିନ୍ଦୀ ଫିଲ୍ମ ହେଲା 'ସ୍ତ୍ରୀ-୨'





ଅଗଷ୍ଟ ୧୫ରେ ପ୍ରେକ୍ଷାଳୟରେ ତିନୋଟି ବଡ ଚଳଚ୍ଚିତ୍ର 'ସ୍ତ୍ରୀ-୨', 'ଖେଲ ଖେଲ ମେଁ' ଏବଂ 'ବେଦା' ରିଲିଜ୍ ହୋଇଥିଲା। ସମସ୍ତ ତିନୋଟି ଚଳଚ୍ଚିତ୍ରରେ ବଲିଉଡର ବଡ଼ ବଡ଼ କଳାକାର କାମ କରିଥିବା ବେଳେ ବଲିଉଡ ଅଭିନେତା ଅକ୍ଷୟ କୁମାର ଓ ଜନ୍ ଆବ୍ରାହିମଙ୍କୁ ଟକ୍କର ଦେଇ ଆଗେଇ ଚାଲିଥିଲେ ରାଜକୁମାର ରାଓ। ଅର୍ଥା ତାଙ୍କ ଅଭିନୀତ ଫିଲ୍ମ 'ସ୍ତ୍ରୀ-୨' ଏବେ ଅନେକ ବଡ଼ ବଜେଟ ଫିଲ୍ମର ରେକର୍ଡ ଭାଙ୍ଗିଥିଲା। କମ ବଜେଟରେ ନିର୍ମିତ ଫିଲ୍ମ 'ସ୍ତ୍ରୀ-୨' ରିଲିଜର ପ୍ରଥମ ଦିନରେ ୭୬.୫କୋଟି ଟଙ୍କା ଆୟ କରିଥିବା ବେଳେ ଦ୍ୱିତୀୟ ଦିନରେ ୩୦କୋଟିରୁ ଅଧିକ ଆୟ କରିଥିଲା। ଏବେ ଫିଲ୍ମ ରିଲିଜକୁ ମାସେ ବିତିଥିବା ବେଳେ ଫିଲ୍ମର ଆୟ ଏକ ବଡ଼ ରେକର୍ଡ ସୃଷ୍ଟି କରିଛି। ଏପର୍ଯ୍ୟନ୍ତ ଫିଲ୍ମଟି କେବଳ ଭାରତରେ ୫୮୫.୮୫କୋଟି ଆୟ କରି ନଂ ୧ ହିନ୍ଦୀ ଫିଲ୍ମ ହୋଇପାରିଛି। ଜାତୀୟ ଗଣମାଧ୍ୟମ ଅନୁଯାୟୀ, ଫିଲ୍ମଟି ମଙ୍ଗଳବାର ୨.୫୦କୋଟି ଆୟ କରିବା ପରେ ଭାରତରେ ଏହାର ମୋଟ ଆୟ ୫୮୫.୮୫କୋଟି ହୋଇଥିଲା। ବାଦଶାହ ଶାହରୁଖ ଖାନଙ୍କ ଫିଲ୍ମ 'ଯବାନ' କେବଳ ଭାରତରେ ୫୮୪କୋଟି ଆୟ କରି ନଂ ୧ ହିନ୍ଦୀ ଫିଲ୍ମ ହୋଇ ରହିଥିବା ବେଳେ ଏବେ କିଙ୍ଗ ଖାନଙ୍କ ରେକର୍ଡ ଭାଙ୍ଗିଛନ୍ତି ଶ୍ରଦ୍ଧା କପୁର ଓ ରାଜକୁମାର ରାଓ।

# ଅଦାର ଉପକାରୀ ଗୁଣ



ଆପଣମାନେ ସମସ୍ତେ ଜାଣନ୍ତି ଯେ ଅଦା ଏକ ଏପରି ମସଲା ଯାହା କେବଳ ତରକାରୀକୁ ସୁଆଦିଆ କରେ ନାହିଁ, ବରଂ ଏଥିରେ ବହୁ ଉପକାରୀ ଗୁଣ ମଧ୍ୟ ରହିଛି। ଅଦାରୁ ଶରୀରକୁ ପୋଷଣ ମିଳିଥାଏ। ଏହା ଶରୀର ପାଇଁ ଖୁବ ଭଲ। ବିଶେଷକରି ମସ୍ତିଷ୍କ ପାଇଁ ଅଦା ଅତି ଭଲ ହୋଇଥାଏ। ଏହାକୁ ଅନେକ ପ୍ରକାର ମସଲାରେ ବ୍ୟବହାର କରି ହେବ। ପ୍ରତିଦିନ ଅଦା ଖାଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ବୋଲି ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଅଦା ଖାଇବା ଦ୍ୱାରା ଶରୀରରୁ ଝାଳ ବୋହିବା କମ୍ ହୋଇଥାଏ। ଏହା ବ୍ୟକ୍ତିକୁ ଯୁବା ଦିଶେଇବାରେ ସହାୟ ହୁଏ। ରୀତିମତ ଅଦା ଖାଉଥିବା ବ୍ୟକ୍ତିଙ୍କୁ ସକାଳୁଆ ଆଳସ୍ୟ ଲାଗେ ନାହିଁ। ବିଶେଷ କରି ମହିଳାମାନଙ୍କୁ ଗର୍ଭବତୀ ଥିବା ସମୟରେ ଯେଉଁଭଳି ମାନ୍ଦା ଅନୁଭୂତ ହୋଇଥାଏ ଅଦା ଖାଇବା ଦ୍ୱାରା ତାହା କମ୍ ହୋଇଥାଏ। ଗଣ୍ଠିମୁଣ୍ଡରେ ଯେଉଁ ଯନ୍ତ୍ରଣା ଅନୁଭବ ହୋଇଥାଏ ଅଦା ଖାଇବା ଦ୍ୱାରା ତାହା କମ୍ ଜଣାଯାଏ। ଏହା ହୁଏତ ତୁରନ୍ତ ଅନୁଭୂତ ନ ହୋଇପାରେ ମାତ୍ର ସବୁଦିନ ପାଇଁ ଯନ୍ତ୍ରଣାକୁ ଦୂରେଇ ଦେଇପାରେ ଅଦା। ହୃଦ୍‌ରୋଗୀଙ୍କ ପାଇଁ ମଧ୍ୟ ଅଦା ଖୁବ୍ ଭଲ ହୋଇଥାଏ। ଗବେଷକମାନଙ୍କ କହିବା ଅନୁଯାୟୀ ଦିନକୁ ୨ ଗ୍ରାମ୍ ଅଦା ଖାଇବା ଦ୍ୱାରା ରକ୍ତରୁ ସର୍କରା ସ୍ତର ୧୦ ପ୍ରତିଶତ କମ୍ ହୋଇଥାଏ। ମହିଳାମାନଙ୍କ ମାସିକଧର୍ମ ସମୟର ଯନ୍ତ୍ରଣା ମଧ୍ୟ ଅଦା ଖାଇବା ଦ୍ୱାରା କମ୍ ହୋଇଥାଏ। ଏହାର କୌଣସି ପାର୍ଶ୍ୱ ପ୍ରଭାବ ମଧ୍ୟ ନାହିଁ। ଶରୀରରୁ ଚର୍ବି ଖସାଇବାରେ ଅଦାର ଭୂମିକା ଅତୁଳନୀୟ। ରୀତିମତ ଅଦା ଖାଇବା ଅଭ୍ୟାସ କଲେ ଶରୀରରେ ଥିବା ଅତିରିକ୍ତ ଚର୍ବି ହ୍ରାସ୍ ପାଇଥାଏ।

# ଚର୍ମ ପାଇଁ ଲାଭଦାୟକ ଟମାଟୋ



ଦୈନିକ ବ୍ୟସ୍ତଭରା ଜୀବନ ଏବଂ ଉପଯୁକ୍ତ ଖାଦ୍ୟର ଅଭାବ ଆମ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଖରାପ ଜୀବନଶୈଳୀ କାରଣରୁ ସ୍କିନ୍ ଡଲନେସ୍ ସମେତ ଆହୁରି ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ପ୍ରତିଦିନର ଧୂଳି-ମାଟି ଆମ ସ୍କିନ୍ ଉପରେ ଅଧିକ ପ୍ରଭାବ ପକାଇଥାଏ। ଏହି କାରଣରୁ, ସ୍କିନ୍ ସମ୍ବନ୍ଧୀୟ ସମସ୍ୟା ପ୍ରତିଦିନ ଦେଖିବାକୁ ମିଳିଥାଏ। ସ୍କିନ୍ ଡଲନେସ୍, ଟ୍ୟାନିଂ, ପିମ୍ପଲ୍, ଡ୍ରାଏନେସ୍ ଇତ୍ୟାଦି ସମସ୍ୟା ପ୍ରତିଦିନ ଦେଖାଯାଏ। ଏହି ସମସ୍ୟାଗୁଡ଼ିକ ସୌନ୍ଦର୍ଯ୍ୟକୁ ନଷ୍ଟ କରିଥାଏ। ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଟମାଟୋ ଆପଣଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇଥାଏ। ଚାଲନ୍ତୁ ଜାଣିବା ସ୍କିନ୍ ପାଇଁ ଟମାଟୋର ବ୍ୟବହାର ଏବଂ ତାହାର ଉପକାରିତା

୧. ଟମାଟୋକୁ ଗ୍ରାଇଣ୍ଡ୍ କରି ତାହାର ପେଷ୍ଟ ଲଗାଇବା ଦ୍ୱାରା ଚେହେରାର ଚମକ ବୃଦ୍ଧି ପାଇଥାଏ। ପିମ୍ପଲ୍, ଦାଗ ଏବଂ ଅନ୍ୟାନ୍ୟ ମୁଖ ଜନିତ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ ।

୨. ୨୦୦ ଗ୍ରାମ୍ ଟମାଟୋକୁ ହଳଦୀ ରସ ସହ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ସମୟ ସମୟରେ ଏହି ମିଶ୍ରଣ ପିଇବା ଦ୍ୱାରା ବ୍ରଣ ସମସ୍ୟା ଦୂର ହୋଇଥାଏ।

୩. ଟମାଟୋକୁ ପେଷ୍ଟ କରି ସେଥିରେ ଅଳ୍ପ ବୁନ୍ଦା ଲେମ୍ବୁ ରସ ମିଶାଇ ମୁହଁରେ ୫ମିନିଟ୍ ଲଗାଇଲେ ବ୍ରଣ ସମସ୍ୟାରୁ ମୁକ୍ତି ମିଳିଥାଏ।

୪. ଟମାଟୋକୁ ମଝିରୁ କାଟି ଏକ ଖଣ୍ଡରେ ମୁହଁକୁ ମାଲିସ୍ କରନ୍ତୁ ଏବଂ ଏହାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ପ୍ରତିଦିନ ଏହା କରିବା ଦ୍ୱାରା ମୁଖ ବ୍ରଣ ସମସ୍ୟା ଦୂର ହୋଇଥାଏ।

# ଭଗବାନ ଶିବଙ୍କ ତପସ୍ୟା କରି ମହାନ ବରଦାନ ପାଇଥିଲେ ଶନିଦେବ



ହିନ୍ଦୁ ଧର୍ମରେ ଶନିଦେବଙ୍କୁ ସୂର୍ଯ୍ୟ ତଥା କର୍ମଫଳ ଦାତା ବୋଲି କୁହାଯାଏ। ଶନିଦେବଙ୍କୁ ନ୍ୟାୟମୂର୍ତ୍ତି ମଧ୍ୟ କୁହାଯାଏ। ଶନିଦେବଙ୍କ ସମ୍ପର୍କରେ ଲୋକଙ୍କ ମନରେ ଅନେକ ଭ୍ରାନ୍ତ ଧାରଣା ରହିଛି। ସେଥିପାଇଁ ଅନେକ ଲୋକ ଶନିଦେବଙ୍କୁ ମାରକ, ଅଶୁଭ ଏବଂ ଦୁଃଖର କାରକ ବୋଲି କହିଥାନ୍ତି। କଶ୍ୟପ ଗୋତ୍ରୀୟ ଶନିଦେବଙ୍କ ମାତା ସୂର୍ଯ୍ୟ ପତ୍ନୀ ଛାୟାୟ ପୌରାଣିକ କଥା ଅନୁସାରେ ଶନିଦେବଙ୍କ ଜନ୍ମସ୍ଥାନ ମହାରାଷ୍ଟ୍ରର ସିଙ୍ଗାଣାପୁରରେ। ମହର୍ଷି କଶ୍ୟପ ଶନି ସ୍ତୋତ୍ରର ଏକ ମନ୍ତ୍ରରେ ସୂର୍ଯ୍ୟ ପୁତ୍ର ଶନିଦେବଙ୍କୁ ମହାବେଳୀ ଓ ଗ୍ରହମାନଙ୍କ ରାଜା ବୋଲି କହିଛନ୍ତି।

ସୌରିଗ୍ରହରାଜେ ମହାବଳ: ପୌରାଣିକ ମାନ୍ୟତା ଅନୁସାରେ ଶନିଦେବ ଭଗବାନ ଶିବଙ୍କ ଭକ୍ତି ଓ ତପସ୍ୟା କରି ନବଗ୍ରହରେ ସର୍ବଶ୍ରେଷ୍ଠ ସ୍ଥାନ ପ୍ରାପ୍ତ କରିଛନ୍ତି। ପୌରାଣିକ ବିଶ୍ୱାସ ଅନୁଯାୟୀ, ଭଗବାନ ସୂର୍ଯ୍ୟ ନିଜ ପତ୍ନୀ ଛାୟାଙ୍କ ପାଖକୁ ଯାଇଥିଲେ। ସୂର୍ଯ୍ୟଙ୍କ ପ୍ରକାଶ ଓ ଉଜ୍ଜ୍ୱଳ କିରଣ ଯୋଗୁଁ ତାଙ୍କ ପତ୍ନୀ ଆଖି ବନ୍ଦ କରିଦେଲେ। ସେଥିପାଇଁ ତାଙ୍କୁ ଶ୍ୟାମଳ ବର୍ଣ୍ଣ ପୁତ୍ର ଶନିଦେବ ପ୍ରାପ୍ତ ହୋଇଥିଲେ। ଶନିଦେବଙ୍କ ଶ୍ୟାମଳ ବର୍ଣ୍ଣ ଦେଖି ସୂର୍ଯ୍ୟ ଛାୟାଙ୍କ ଉପରେ ଆରୋପ ଲଗାଇଲେ ଯେ ସେ ତାଙ୍କ ପୁତ୍ର ନୁହେଁ। ସେଥିପାଇଁ ଶନିଦେବ ନିଜ ପିତାଙ୍କ ଉପରେ କ୍ରୋଧିତ ହୋଇଗଲେ। ଏହାପରେ ଶନିଦେବ ଭଗବାନ ଶିବଙ୍କ ଘୋର ତପସ୍ୟା କଲେ ଓ ନିଜ ଶରୀରକୁ ଜାଳିଦେଲେ। ଭଗବାନ ଶିବ ଶନିଦେବଙ୍କ ଭକ୍ତିରୁ ପ୍ରସନ୍ନ ହୋଇ ତାଙ୍କୁ ବର ମାଗିବାକୁ କହିଥିଲେ। ଶନିଦେବ ବର ମାଗିଥିଲେ ଯେ ଯୁଗ ଯୁଗ ଧରି ତାଙ୍କ ମାତା ଛାୟାଙ୍କ ପରାଜୟ ହେଉଛି। ତାଙ୍କ ମାତା ପିତା ସୂର୍ଯ୍ୟଙ୍କ ଦ୍ୱାରା ଲଗାତାର ନିର୍ଯ୍ୟାତିତ ହେଉଛନ୍ତି। ସେଥିପାଇଁ ସେ ନିଜ ପିତାଙ୍କ ଠାରୁ ଅଧିକ ପୂଜ୍ୟ ହେବାକୁ ଚାହୁଁଛନ୍ତି । ଯେପରି ତାଙ୍କ ଅହଂକାର ଭାଙ୍ଗିଯିବ ବୋଲି ସେ ଶିବଙ୍କୁ କହିଥିଲେ। ଭଗବାନ ଶିବ ଶନିଦେବଙ୍କୁ ବରଦାନ ଦେଇଥିଲେ ଯେ ଶନିଦେବ ନବଗ୍ରହଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ହେବେ। ପୃଥିବୀଲୋକରେ ନ୍ୟାୟାଧୀଶ ଏବଂ ଦଣ୍ଡାଧିକାରୀ ହେବେ ଏବଂ ଲୋକଙ୍କ କର୍ମ ଅନୁଯାୟୀ ନ୍ୟାୟ ଓ ଦଣ୍ଡ ଦେବେ। ମତ୍ସ୍ୟ ପୁରାଣରେ ଶନିଦେବଙ୍କ ରୂପ ବର୍ଣ୍ଣନା କରାଯାଇଛି। ତାଙ୍କ ଶରୀର ନୀଳମଣି ସହ ସମାନ। ସେ ଶାଗୁଣା ଉପରେ ବସନ୍ତି। ତାଙ୍କର ଗୋଟିଏ ହାତରେ ଧନୁସର ଓ ଅନ୍ୟ ହାତରେ ବରମୁଦ୍ରାରେ ଥାଆନ୍ତି। ଶନିଦେବ ସର୍ବଦା ନିଜ ଭକ୍ତଙ୍କୁ ସାହାଯ୍ୟ କରନ୍ତି, ନିଜ ଭକ୍ତଙ୍କ ଡାକ ଶୁଣନ୍ତି। ଦେଶର ଅନେକ ସ୍ଥାନରେ ଶନିଦେବଙ୍କ ପ୍ରସିଦ୍ଧ ମନ୍ଦିର ରହିଛି। ଶନିବାର ଦିନ ଭକ୍ତ ଶନିଦେବଙ୍କୁ ଦର୍ଶନ କଲେ ଶନିଦେବ ଭକ୍ତଙ୍କ କଷ୍ଟ ଦୂର କରିଥାନ୍ତି।

# ଓଜନ କମାଇଦେବ 'କାକୁଡି ଡାଏଟ୍'



କୌଣସି ବ୍ୟକ୍ତି ଶରୀରର ଅଧିକ ଓଜନ ପସନ୍ଦ କରନ୍ତି ନାହିଁ। ମୋଟାପଣ କେବଳ ବ୍ୟକ୍ତିର ସୌନ୍ଦର୍ଯ୍ୟ ନଷ୍ଟ କରି ନଥାଏ ନାହିଁ ବରଂ ଅନେକ ରୋଗର କାରଣ ମଧ୍ୟ ହୋଇଥାଏ। ତେଣୁ ଓଜନ କମାଇବା ପାଇଁ ବିଶେଷଜ୍ଞମାନେ ବିଭିନ୍ନ ପ୍ରକାରର ଖାଦ୍ୟ ଅନୁସରଣ କରିବାକୁ ପରାମର୍ଶ ଦେଇଥାନ୍ତି। ଯେଉଁଥିରେ କାକୁଡି ମଧ୍ୟ ଅନ୍ତର୍ଭୁକ୍ତ। କିନ୍ତୁ ଏହି ଡାଏଟ୍ ଅନୁସରଣ କରିବା ପୂର୍ବରୁ, ଜାଣି ରଖନ୍ତୁ କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷ। ଓଜନ ହ୍ରାସ କରିବାରେ କାକୁଡି ଡାଏଟ୍ ଅନେକ ସାହାଯ୍ୟ କରିଥାଏ। ଏହି ଡାଏଟ୍ କୁ ଅନୁସରଣ କରୁଥିବା ଲୋକମାନେ ଅତି ସହଜରେ ୭ ରୁ ୧୪ ଦିନ ମଧ୍ୟରେ ୭ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନ ହ୍ରାସ କରିଥାନ୍ତି। ଏହି ଡାଏଟ୍ ରେ କାକୁଡି ତୁଳନାରେ ଅନ୍ୟ ଫଳ ଏବଂ ପନିପରିବାକୁ ସର୍ବନିମ୍ନ ସ୍ତରରେ ରଖିବାକୁ ପରାମର୍ଶ ଦିଆଯାଇଥାଏ। ଉଦାହରଣ ସ୍ୱରୂପ, ଏହି ଖାଦ୍ୟରେ ମୁଖ୍ୟତଃ କିଛି ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯଥା ଅଣ୍ଡା, ଚିକେନ୍, ମାଛ ଏବଂ ବାଦାମ ସାମିଲ କରାଯାଇଥାଏ। କାକୁଡି ଡାଏଟ୍ ଅନୁସରଣ କରୁଥିବା ବ୍ୟକ୍ତିଙ୍କୁ ଅଧିକାଂଶ ଖାଦ୍ୟରେ କାକୁଡି ଖାଇବାକୁ ପରାମର୍ଶ ଦିଆଯାଇଥାଏ। ଏହି ଡାଏଟ୍ ଅନୁଯାୟୀ, ଯେତେବେଳେ ବି ବ୍ୟକ୍ତିଙ୍କୁ ଭୋକଲାଗେ, ସେ କାକୁଡି ଖାଇବା ଉଚିତ। କାକୁଡିରେ କ୍ୟାଲୋରୀ କମ୍ ଥିବାରୁ ଆପଣ ଯେତେ ଚାହିଁବେ ଖାଇପାରିବେ। ଏହା ବ୍ୟତୀତ କାକୁଡିରେ ପ୍ରୋଟିନ୍ କମ୍ ରହିଥାଏ, ତେଣୁ ଏହି ଡାଏଟ୍ କୁ ରୁଟିନ୍ ରେ ସାମିଲ କରିବାବେଳେ କାକୁଡି ସହିତ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯେପରିକି ଅଣ୍ଡା, ମାଂସ, ପନିର, ଏବଂ ବାଦାମକୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ଉଚିତ। କାକୁଡି ଡାଏଟରେ କମ୍ କ୍ୟାଲୋରୀ ଥିବା ହେତୁ ଏହା ଜଣେ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଓଜନ ହ୍ରାସ କରିପାରେ, କିନ୍ତୁ ଯେମିତି ବ୍ୟକ୍ତି ନିଜର ପୁରୁଣା ଡାଏଟ୍ ଅନୁସରଣ କରିବା ଆରମ୍ଭ କରେ, ତା'ର ଓଜନ ମଧ୍ୟ ପୁଣି ବଢିଯାଇଥାଏ। ଏହା ବିଶେଷକରି ସେତେବେଳେ ହୋଇଥାଏ ଯେତେବେଳେ ଜଣେ ବ୍ୟକ୍ତି ପୁନର୍ବାର ଖାଇବା ଏବଂ ପିଇବା ଅଭ୍ୟାସ ଉପରେ ନିୟନ୍ତ୍ରଣ ହରାଇ ନିଜ ଡାଏଟ୍‌ରେ ପୁଷ୍ଟିକର ସମ୍ବନ୍ଧୀୟ ଜିନିଷକୁ ସାମିଲ କରିନଥାଏ। ତେଣୁ, ବଢୁଥିବା ଓଜନକୁ ନିୟନ୍ତ୍ରଣ କରିବା କିମ୍ବା କମାଇବା ସହିତ ନିଜ ସ୍ୱାସ୍ଥ୍ୟକୁ ମଧ୍ୟ ଆହୁରି ଉନ୍ନତ ରଖିବା ପାଇଁ, ଆପଣଙ୍କ ଖାଦ୍ୟରେ ବିଭିନ୍ନ ପ୍ରକାରର ଖାଦ୍ୟ ଅନ୍ତର୍ଭୁକ୍ତ କରନ୍ତୁ।

# ପଲିଥିନ କଟକଣା

ପ୍ରତିଦିନ ରାଜଧାନୀରେ କେଜି କେଜି ପଲିଥିନ ରାସ୍ତାରେ ପଡୁଛି। ଏହା କ'ଣ ପ୍ରଶାସନ ନଜରରେ ପଡୁନି ନା ପ୍ରଶାସନ ସବୁ ଦେଖି କିଛି ନଦେଖିଲା ପରି ରହୁଛି ? ପୁରୀ ଭଳି ଏକ ପର୍ଯ୍ୟଟନ ଏବଂ ଐତିହ୍ୟ ସମ୍ପନ୍ନ ସହରରେ ପଲିଥିନ କଟକଣା ନିହାତି ଜରୁରୀ ହୋଇଥିବା ବେଳେ ସେଠରେ କିଛି ଫରକ ପଡୁନାହିଁ। ଏଥିପାଇଁ କିଏ ଉତ୍ତରଦାୟୀ ରହିବ ? ଅନେକ ସମୟରେ ରାଜ୍ୟ ବା କେନ୍ଦ୍ର ସରକାର ବିଭିନ୍ନ ପ୍ରକାର କଟକଣା ଏବଂ ଆଇନ କାନୁନ ଲାଗୁ କରନ୍ତି। କିନ୍ତୁ ଏହାର କାର୍ଯ୍ୟକାରୀତା ସେଭଳି ସଫଳ ହୋଇନଥାଏ। କାରଣ ଏଥିନେଇ ଜନସଚେତନତାର ଅଭାବ ଏବଂ ଜନ ସହଯୋଗ ମିଳିନଥାଏ। ଲୋକେ ବହୁ ବର୍ଷ ହେବ ଯେଉଁ ଅଭ୍ୟାସରେ ପଡ଼ି ଯାଇଥାନ୍ତି ତାହାକୁ ପରିତ୍ୟାଗ କରିବା ସହଜ ହୋଇନଥାଏ। ସମସ୍ତେ ନିଜ ସ୍ୱାର୍ଥ ସମ୍ପର୍କରେ ଚିନ୍ତା କରୁଛନ୍ତି। ଅନ୍ୟ ସମ୍ପର୍କରେ ଚିନ୍ତା କରିବାର କାହାକୁ ବେଳ ନାହିଁ। ସମସ୍ତେ ଭାବୁଛନ୍ତି ଅନ୍ୟମାନେ ନିୟମ ପାଳନ କରନ୍ତୁ କିନ୍ତୁ ମୋତେ ଟିକେ ନିୟମ କୋହଳ କରାଯାଉ। ସମସ୍ତେ ରାସ୍ତାର ବାମପଟେ ଯାଆନ୍ତୁ ମୁଁ ଟିକେ ଅସୁବିଧାରେ ଅଛି। ତେଣୁ ମୋତେ ଡାହାଣପଟେ ଯିବାକୁ ସୁଯୋଗ ଦିଆଯାଉ। ନିୟମ ଭାଙ୍ଗିବା ବା ଆଇନ ସହ ସାଲିସ କରିବା ଆମ ଚରିତ୍ରର ଏକ ଅଙ୍ଗ ହୋଇଗଲାଣି। ଏତେ ବୁଝାଇବା ସତ୍ତ୍ୱେ ଏବେ ବି ଅନେକ ଦୁଇଚକିଆ ଯାନ ଚାଳକ ମୁଣ୍ଡରେ ହେଲମେଟ ପିନ୍ଧୁ ନାହାଁନ୍ତି। କରୋନା ସଂକ୍ରମଣ ବଢ଼ିବା ସତ୍ତ୍ୱେ ମୁହଁ ମାସ୍କ ପିନ୍ଧିବାକୁ କେହି ଜରୁରୀ ମନେ କରୁ ନାହାଁନ୍ତି। ଅନେକ ବର୍ଷ ତଳୁ ରାଜ୍ୟରେ ପଲିଥିନ ବ୍ୟାନ ହେଲାଣି। କିନ୍ତୁ ଏହା କେବଳ କାଗଜପତ୍ରରେ ସୀମିତ ରହିଛି। ମଝିରେ ମଝିରେ ପଲିଥିନ ବ୍ୟବହାର ବନ୍ଦ କରିବା ଲାଗି ପୋଲିସ ଚଢ଼ଉ କରେ ଏବଂ ଜୋରିମାନା ବି ହୋଇଥାଏ। କିନ୍ତୁ କିଛି ଦିନ ପରେ ପରିସ୍ଥିତି ପୁଣି ଯାହାକୁ ସେଇଆ। ଲୋକେ ପଲିଥିନ ବ୍ୟାବାହାରରେ ଏତେ ଅଭ୍ୟସ୍ତ ହୋଇଗଲେଣି ଯେ, ଏହାକୁ ଛାଡ଼ିବା ସମ୍ଭବ ହୋଇପାରୁନି। ଅସଲ କଥା ହେଲା ଏହାର ବିଷମ ପରିଣତି ସମ୍ପର୍କରେ ଲୋକେ ସଚେତନ ହେଉ ନାହାଁନ୍ତି। ପଲିଥିନ ବ୍ୟାବାହାର ଉପରେ କଟକଣା ଆମର ସୁରକ୍ଷା ଏବଂ ସ୍ୱାର୍ଥ ରକ୍ଷା ନିମନ୍ତେ ଉଦ୍ଦିଷ୍ଟ। ସାରା ବିଶ୍ୱର ସୁରକ୍ଷା ଏବଂ ମାନ ଜାତିର ଭବିଷ୍ୟତ ଲାଗି ଏହା ଜରୁରୀ, ଏହାକୁ ଆମେ ହୃଦୟଙ୍ଗମ କରିପାରୁନାହୁଁ। ସ୍କୁଲ, କଲେଜରେ ଏ ସମ୍ପର୍କରେ ପାଠ ପଢ଼ାଯାଉଛି, ପ୍ରଚାର ପ୍ରସାରରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ଏହା ସତ୍ତ୍ୱେ ସୁଫଳ ମିଳୁନି। ତେଣୁ ଏହାର ଶେଷ ଅସ୍ତ୍ର ହେଲା କଠୋର ଦଣ୍ଡବିଧାନ। ଗତ ପହିଲାରୁ ଦେଶବ୍ୟାପି ପଲିଥିନ ବା ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ପରିବେଶ ସୁରକ୍ଷା ଲାଗି ଏହା ନିହାତି ଜରୁରୀ। ନଚେତ ପ୍ରଦୂଷଣ ଏତେ ମାତ୍ରାରେ ବଢ଼ିଯିବ ଯେ ଏହାକୁ ସମ୍ଭାଳିବା କଷ୍ଟକର ହୋଇଯିବ। ସାରା ବିଶ୍ୱ କଥା ଛାଡ଼ନ୍ତୁ, ଭାରତରେ ଲକ୍ଷ ଲକ୍ଷ ଟନ ପଲିଥିନ ଏବେ ଗଦା ହୋଇଛି। ପ୍ରତିଦିନ ଏହାର ଉତ୍ପାଦନ ହେଉଛି। ଯେଉଁଠି ମାଟି ଖୋଳିବ ସେଠାରେ ପଲିଥିନ ବାହାରିବ। ନଦୀ-ସମୁଦ୍ରରେ ମଧ୍ୟ ଟନ ଟନ ପଲିଥିନ ରହିଛି। ମାଟି, ପାଣି,ପବନ ସବୁ କିଛି ଏହା ଦ୍ୱାରା ପ୍ରଦୂଷିତ ହେଉଛି। କାରଣ ଏହା ହଜାର ହଜାର ବର୍ଷ ପରେ ମଧ୍ୟ ସେମିତି ରହିଥିବ, ମାଟିରେ ମିଶିନଥିବ। ଏଭଳି ପରିସ୍ଥିତିରେ ଏହାକୁ ମୂଳରୁ ଅର୍ଥାତ ଉତ୍ପାଦନ କେନ୍ଦ୍ରରୁ ବନ୍ଦ କରାଯିବା ଉଚିତ। ଦୋକାନରେ ଚଢ଼ାଉ କଲେ ଏହାର ପ୍ରଭାବ ସୀମିତ ରହିବ। ଆଉ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିରନ୍ତର ଜାରି ରହିବା ଉଚିତ। କିଛି ଦିନ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ପରେ ପୁଣି ସବୁ କିଛି ଧିମେଇ ଗଲେ କିଛି ଲାଭ ହେବ ନାହିଁ। ପଲିଥିନ ବ୍ୟାବାହାରକାରୀ ଏବଂ ଉତ୍ପାଦନକାରୀ ବା ବିକ୍ରେତାଙ୍କୁ ଏଭଳି ମୋଟା ଅଙ୍କର ଜୋରିମାନା ଅଥବା ଜେଲ ଦଣ୍ଡ ହେବା ଉଚିତ ଯେମିତି କି କେହି ଏଭଳି ଭୁଲ କରିବାକୁ ସାହାସ କରିପାରିବେ ନାହିଁ।

# ମାନବ କୈନ୍ଦ୍ରିକ ଜଗତୀକରଣ ଜରୁରୀ

॥ ବାଦଲ ଭୂୟାଁ ॥

> “ ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି। ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି।

ଗ୍ଲୋବାଲ ସାଉଥ ମେଧାବୃତ୍ତି ଆରମ୍ଭ କରିବ ଭାରତ : ସମଗ୍ର ବିଶ୍ୱରେ ଶିକ୍ଷା କ୍ଷେତ୍ରରେ ଭାରତ ଏକ ଆଦର୍ଶଣୀୟ ରାଷ୍ଟ୍ର ଭାବେ ଆଜି ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଛି। ଗତ ତିନି ବର୍ଷ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକ ପାଇଁ ବେଶ ଆହ୍ୱାନପୂର୍ଣ୍ଣ ଥିଲା। କିନ୍ତୁ ନୂଆବର୍ଷ ନୂଆ ଆଶା ନେଇ ଆସିଛି। ଆମେ ସଭିଏଁ ଗ୍ଲୋବାଲଇଜେଶନକୁ ସମର୍ଥନ କରୁ। ଭାରତ ସର୍ବଦା ବିଶ୍ୱକୁ ଏକ ପରିବାର ରୂପରେ ଦେଖିଥାଏ। ଆମେ ଏପରି ଏକ ଜଗତୀକରଣ ଚାହୁଁ ଯେଉଁଠି ଜଳବାୟୁ କିମ୍ବା ଋଣ ସଙ୍କଟ ସୃଷ୍ଟି ହେଉ ନଥିବ, ଯାହା ମାନବକୈନ୍ଦ୍ରିକ ହୋଇଥିବ। ଯେଉଁଠି ଟିକାକରଣରେ ଅସମାନତା ନଥିବ ଏବଂ ଯେଉଁଠି ମାନବିକତା ଏବଂ ସମୃଦ୍ଧିର ସ୍ଥାନ ଥିବ ବୋଲି ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ସୂଚନାଥାଉକି ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ୧୨୦ରୁ ଅଧିକ ବିକାଶଶୀଳ ଦେଶ ଭାଗ ନେଇଛନ୍ତି। ଏହା ଗ୍ଲୋବାଲ ସାଉଥର ସବୁଠାରୁ ବଡ଼ ଧରଣର ଭର୍ଚୁଆଲ ସମିଟ। ପ୍ରଧାନମନ୍ତ୍ରୀ କହିଥିଲେ, ଜାତିସଂଘ ସୁରକ୍ଷା ପରିଷଦ ସମେତ ଅନ୍ତର୍ଜାତୀୟ ସଙ୍ଗଠନ ଗୁଡ଼ିକରେ ତତ୍କାଳ ଏକ ମୌଳିକ ସୁଧାରର ଆବଶ୍ୟକତା ରହିଛି। ଭାରତ ଏକ ଗ୍ଲୋବାଲ ସାଉଥ ସେଣ୍ଟର ଅଫ ଏକ୍ସିଲେନ୍ସ ସ୍ଥାପନ କରିବ। ନୂଆ ପ୍ରୋଜେକ୍ଟ ଆରୋଗ୍ୟ ମୈତ୍ରୀ ବାବଦରେ ମୋଦି ପ୍ରକାଶ କରିଥିଲେ। ଏହାଦ୍ୱାରା ଭାରତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହେଉଥିବା ଦେଶ ଗୁଡ଼ିକୁ ମେଡ଼ିକାଲ ସୁବିଧା ଉପଲବ୍ଧ କରାଇପାରିବ ବୋଲି ସେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଯୁଦ୍ଧ, ଆତଙ୍କବାଦ ସମେତ ବିଭିନ୍ନ ବୈଶ୍ୱିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ବିଶ୍ୱ ସଙ୍କଟରେ ପଡ଼ିଛି। ଆଉ କେତେ ଦିନ ଏହି ଅସ୍ଥିରତା ଜାରି ରହିବ ତାହା କହିବା କଷ୍ଟକର ବୋଲି କହିଥିଲେ। ଏଥିସହ ଇନ୍ଧନ ସଙ୍କଟ, ଖାଦ୍ୟାଭାବ, ମୁଦ୍ରାସ୍ଫୀତି, କରୋନା ମହାମାରୀ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଆଦି ଉପରେ ଚିନ୍ତା ବ୍ୟକ୍ତ କରିଥିଲେ। ଭଏସ ଅଫ ଗ୍ଲୋବାଲ ସାଉଥ ସମିଟରେ ବାର୍ବାଡ଼ାସ, କୋଷ୍ଟାରିକା, କମନୱେଲଥ ଦେଶ ବାହାମାସ, କ୍ୟୁବା, ଗାମ୍ବିଆ, ହଣ୍ଡୁରାସ, ଲାଓ ପିପୁଲସ ଡେମାକ୍ରାଟିକ ରିପବ୍ଲିକ, ଫେଡେରେଟେଡ ଷ୍ଟେଟ ଅଫ ମାଇକ୍ରୋନେସିଆ, ରିପବ୍ଲିକ ଅଫ ନାଉରୁ, ସେଣ୍ଟ ଲୁସିଆ. ସେଣ୍ଟ ଭିନସେଣ୍ଟ ଏବଂ ଦି ଗ୍ରେନାଡାଇନସ, ସୋଲୋମନ ଆଇଲ୍ୟାଣ୍ଡ, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ ସମୂହ ଦେଶ ଅଂଶ ଗ୍ରହଣ କରିଥିଲେ।

ଭାରତର ଶିକ୍ଷା ବ୍ୟବସ୍ଥା ପ୍ରଶଂସନୀୟ କାରଣ କେନ୍ଦ୍ରଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାୟିତ୍ୱ ନେବା ପରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଆହୁରି ବାସ୍ତବାଭିମୁଖୀ ଓ ଶିକ୍ଷାଭିମୁଖୀ କରିପାରିଛନ୍ତି। ଗାମ୍ବିଆର ଶିକ୍ଷା ମନ୍ତ୍ରୀ ପ୍ରଫେସର ପାଏରୀ ଗୋମେଜ ଶିକ୍ଷା ପ୍ରଯୁକ୍ତିବିଦ୍ୟା ଓ ଦକ୍ଷତା ବିକାଶ ଦିଗରେ ଭାରତୀୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଷ୍ଟେମ ବର୍ଗରେ ଭାରତ ସହ ଭାଗିଦାରୀ ହେବା ପାଇଁ ସେ ଇଚ୍ଛା ପ୍ରକାଶ କରିବା ସହ ବୈଷୟିକ, ଧନ୍ଦାମୂଳକ, ଶିକ୍ଷା ପ୍ରଶିକ୍ଷଣକୁ ତାଙ୍କ ଦେଶ ଗୁରୁତ୍ୱ ଦେଇ ଏହାକୁ ବିକଶିତ କରିବା ପାଇଁ ସେ ଭାରତର ସହଯୋଗ ଲୋଡ଼ିଥିଲେ। ନ୍ୟାସନାଲ ଏଜୁକେସନାଲ ହବ ଏବଂ ନ୍ୟାସନାଲ ଟେକ୍ନୋଲୋଜି ପାର୍କ ସ୍ଥାପନ କରିବା ପାଇଁ ସେ ଭାରତ ଠାରୁ ସହଯୋଗ ଆଶା କରିଥିଲେ। ବିକାଶ ଏଜେଣ୍ଡା ପୂରଣ ପାଇଁ ଭାରତର ସହଯୋଗ ଲୋଡ଼ା। ସ୍ଥାୟୀ ବିକାଶ ଏଜେଣ୍ଡାକୁ ପୂରଣ କରିବା ପାଇଁ ଭାରତର ସହଯୋଗ ଲୋଡ଼ା ବୋଲି ସୋଲୋମାନ ଆଇଲ୍ୟାଣ୍ଡର ଶିକ୍ଷାମନ୍ତ୍ରୀ ଲେନଲୀ ତାନଗାଣ୍ଡା କହିଛନ୍ତି। ଭାରତର ଷ୍ଟଡି ଏବଂ ଟ୍ରେନିଂ ବ୍ୟବସ୍ଥା ଏକ ସଫଳ ମଡ଼େଲ ବୋଲି ସେ ପ୍ରକାଶ କରିଥିଲେ।

ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି। ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି। ଡିଜିଟାଲ ଏଜୁକେଶନ ରିସୋର୍ସ ମଧ କରାଯାଇଛି। ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଶିକ୍ଷାନୁଷ୍ଠାନଗୁଡ଼ିକର ଡିଜିଟାଲାଇଜେସନ କରାଯାଇଥିବା ଗ୍ଲେନିସ କହିଛନ୍ତି। ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା। ଉରୁଗୁଏ ଶିକ୍ଷାମନ୍ତ୍ରୀ ପାବଲୋ ଦା ସିଲଭେରା କହିଛନ୍ତି ଭବିଷ୍ୟତ ପିଢ଼ି ପାଇଁ ଶିକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା। ନିଜ ଦେଶର ସମାଜ ଏବଂ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାକୁ ନିରନ୍ତର ବିକଶିତ କରିବା। ପରାଧୀନ ମାନସିକତା ବଦଳାଇବା। ଗ୍ଲୋବାଲ ସାଉଥ ଦେଶରେ ଥିବା ଶିକ୍ଷା ବ୍ୟବସ୍ଥା ପରାଧୀନ ମାନସିକତା ଯୋଗୁ ଶତାବ୍ଦୀ ଶତାବ୍ଦୀ ଧରି କ୍ଷତି ସହୁଥିଲା। ସମୟ ଆସିଛି, ଏହାକୁ ପରିବର୍ତ୍ତନ କରି ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା। ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଗୁଣାତ୍ମକ, ସୁଲଭ ଏବଂ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡ଼ିତ ଏବଂ ୨୦୩୦ ସାମଗ୍ରିକ ବିକାଶ ସହ ସମ୍ମେଳିତ। ଏହା ଆମ ଯୁବପିଢ଼ିଙ୍କୁ ବୈଶ୍ୱିକ ନାଗରିକ ଭାବେ ବିକଶିତ କରିବ, ଯାହା ଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ।

ମାତୃଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଛି । ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଭାବେ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଦିବ୍ୟାଙ୍ଗ ଶିଶୁଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବା ସହ ଶିକ୍ଷକଙ୍କ ଦକ୍ଷତା ବିକାଶ ଏବଂ ଟ୍ରେନିଂ ଉପରେ ମଧ ପଦକ୍ଷେପ ନିଆଯାଇଛି। ସ୍କୁଲ ଯାଉଥିବା ବାଳିକାଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣକୁ ଉନ୍ନତ କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ପାଠ୍ୟକ୍ରମକୁ ପୁନଃ ଡିଜାଇନ କରାଯାଇ ଏହାକୁ ଛାତ୍ରଛାତ୍ରୀ କେନ୍ଦ୍ରୀୟ କରିବା ସହ ମାତୃଭାଷାରେ ଶିକ୍ଷା ଆହରଣ ଓ ଶିକ୍ଷାଦାନକୁ ବିଶେଷ ମହତ୍ତ୍ୱ ଦିଆଯାଇଛି। ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସଂସ୍କାର ଅଣାଯାଇଛି। ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମଲ୍ଟି ଏଣ୍ଟ୍ରି ଏକଜିଟ ସହ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁବିଧା ସୁନିଶ୍ଚିତ କରାଯାଇଛି। ସ୍କୁଲ, ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷାର ଏକୀକରଣ କରିବା ପାଇଁ ଟେକ୍ନୋଲୋଜି ଭିତ୍ତିଭୂମି ଯଥା ନ୍ୟାସନାଲ ଲେଭଲ ଷ୍ଟୁଡେଣ୍ଟ ରେଜିଷ୍ଟ୍ରି, ଏକାଡ଼େମିକ ବ୍ୟାଙ୍କ ଅଫ କ୍ରେଡିଟ ଆଣ୍ଡ ସ୍କିଲ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଇ-ବିଦ୍ୟା ପାଇଁ ୨୬୦ ଟିଭି ଚ୍ୟାନେଲ। ସ୍କିଲ ଲ୍ୟାବ ଏବଂ ଶିଳ୍ପ ଶିକ୍ଷାନୁଷ୍ଠାନ ମଧରେ ସଂଯୋଗୀକରଣ କରାଯାଇ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଶିକ୍ଷା ସହ ଯୋଡ଼ାଯାଉଛି। ନିଯୁକ୍ତି କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କୁ ଶିଳ୍ପ କ୍ଷେତ୍ରରେ ଇଣ୍ଟର୍ଣ୍ଣସିପ ଏବଂ ଆପ୍ରେଣ୍ଟିସିପ ପ୍ରଦାନ କରାଯାଇ ଛାତ୍ରଛାତ୍ରୀଙ୍କ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ପ୍ରାଧାନ୍ୟ ଦିଆଯାଇଛି। ପିଏମ ଇବିଦ୍ୟା ପଦକ୍ଷେପ ସ୍ୱରୂପ ଦୀକ୍ଷା, ଇ-ପାଠଶାଳା, ସ୍ୱୟଂ ପ୍ରଭା ଟିଭି ଏବଂ ୨୬୦ରୁ ଅଧିକ ଟିଭି ଚ୍ୟାନେଲର ବ୍ୟବସ୍ଥା କରାଯାଇଛି।

ଶିକ୍ଷାର ଅନ୍ତର୍ଜାତୀୟକରଣକୁ ଗୁରୁତ୍ୱ : ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ। ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ। ଭାରତରେ ଥିବା ଶିକ୍ଷାନୁଷ୍ଠାନ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ସହ ମିଶି ଛାତ୍ରଛାତ୍ରୀଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆଇଆଇଟି ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦେଶରେ ନିଜ କ୍ୟାମ୍ପସ ଆରମ୍ଭ କରିବା ପାଇଁ ଯାଉଛନ୍ତି। ଏହାବ୍ୟତୀତ ଭାରତରେ ବୈଦେଶିକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପଥରେ ଆଗେଇଛି।

୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୮୫୩୨ / ୯୨୦୪୬୫୨୦୬୫

# ଭକ୍ତି କରୁଛୁ, ତଥାପି ଦୁଃଖ ଯାଉନାହିଁ..

॥ ବିପିନ ବିହାରୀ ରାଉତ ॥

ସଂସାରର ରୀତି ଏହିପରି ଯେ କେହି ଏଠାରେ ଦୁଃଖକଷ୍ଟ ଚାହାନ୍ତି ନାହିଁ କି ତାକୁ ଗ୍ରହଣ କରିପାରନ୍ତି ନାହିଁ। ଯଦି କେହି ଘୋର ସନ୍ତାପରେ ଅଛନ୍ତି ଏବଂ ସେଥିରୁ ମୁକୁଳିପାରୁ ନାହାନ୍ତି ତାହେଲେ ଭଗବାନଙ୍କର ଅସ୍ତିତ୍ୱ ନେଇ ମନରେ ପ୍ରଶ୍ନ ଛିଡ଼ା କରିଦିଅନ୍ତି। ଏହାପରେ ନାସ୍ତିକ ବା ଯୁକ୍ତିବାଦୀମାନଙ୍କ ସହିତ ସଙ୍ଗ ହୋଇଗଲେ ମନ ଆହୁରି ଗୋଳମାଳିଆ ହୋଇଉଠେ। ବିଶ୍ୱାସରୂପକ ବୃକ୍ଷଟି ମନ ଭିତରୁ ଉପୁଡ଼ିଯାଏ। ସମସ୍ତଙ୍କ ପରି ସାଇଭକ୍ତମାନଙ୍କ ପ୍ରତି ମଧ୍ୟ ଏହା ପ୍ରଯୁଜ୍ୟ। ଏହା ସତ୍ୟ ଯେ ଅଧିକାଂଶ ସାଇଭକ୍ତ ସମର୍ଥ ସଦ୍‌ଗୁରୁ ଶିରିଡ଼ି ସାଇବାବାଙ୍କର ପ୍ରତ୍ୟକ୍ଷ କୃପା ବା ଅନୁଭୂତି ଲାଭ କରିଛନ୍ତି। ଏହା ନ ହୋଇଥିଲେ ସେମାନେ କେବେ ବି ଏହି ମାର୍ଗରେ ଆସିନଥାନ୍ତେ କି ଶିରିଡ଼ି ସାଇବାବାଙ୍କର ପୂଜା କରୁନଥାନ୍ତେ। ତଥାପି ଯଦି ଏହିପରି କେହି ଭକ୍ତ ଥିବେ ଏବଂ ସାଇବାବାଙ୍କର କୃପା ବା ଅନୁଭୂତି ଲାଭ ନକରି ମଧ୍ୟ ତାଙ୍କର ପୂଜା ଓ ଭକ୍ତି କରୁଥିବେ ତାହେଲେ ତାଙ୍କୁ ଧନ୍ୟବାଦ ଦେବାକୁ ହେବ। ସେହିପରି ବ୍ୟକ୍ତି ପ୍ରକୃତରେ ଭାଗ୍ୟବାନ। ସାଇଭକ୍ତମାନେ ଏହି ଦୃଷ୍ଟିରୁ ଭାଗ୍ୟବାନ ଯେ ବାବାଙ୍କର ଅନୁଭୂତି ଲାଭ କରିବା ପରେ ସେମାନଙ୍କର ବିଶ୍ୱାସ ଦୃଢ଼ ହୋଇଥାଏ। ଏହାପରେ ଏହାକୁ ଜାରି ରଖି ଉତ୍ତରୋତ୍ତର ବୃଦ୍ଧି କରିବା ହେଉଛି ଭକ୍ତର ଦାୟିତ୍ୱ। ଶିରିଡ଼ି ସାଇବାବାଙ୍କ ପରି ସଦ୍‌ଗୁରୁଙ୍କର ବିଶେଷତ୍ୱ ହେଉଛି ସେମାନେ ପ୍ରଥମେ କୌଣସି ନା କୌଣସି ଉପାୟରେ ଅନୁଭୂତି ପ୍ରଦାନ କରି ଭକ୍ତର ହୃଦୟରେ ବିଶ୍ୱାସରୂପକ ବୀଜ ରୋପଣ କରିଦିଅନ୍ତି। ଏହାପରେ ତାର ବିବେକ ଜାଗ୍ରତ କରି ଅଜ୍ଞାନତା ଦୂର କରନ୍ତି। ଏହି ସ୍ତରରେ ପହଞ୍ଚିଲା ପରେ ଭକ୍ତର ଧୈର୍ଯ୍ୟଶକ୍ତି ବୃଦ୍ଧି ପାଏ। ରାଗ, ଅହଂକାର ଆଦି ଦୂର ହୋଇଯାଏ। ଏହାପରେ ସ୍ତର ସ୍ତର ଦେଇ ଉନ୍ନତି ପଥରେ ସେ ଯାତ୍ରା କରେ। କିନ୍ତୁ ସବୁ ଭକ୍ତ ଏହିପରି ଉପରକୁ ଉପରକୁ ଯିବାକୁ ସମର୍ଥ ହୋଇପାରନ୍ତି ନାହିଁ। ଅନେକ ଅଧାବାଟରେ ଧୈର୍ଯ୍ୟ ହରାଇ ବସନ୍ତି ଓ ବାଟ ହୁଡ଼ିଯାଆନ୍ତି। ଫଳରେ ସେମାନଙ୍କର ଉନ୍ନତି ପଥ ରୁଦ୍ଧ ହୋଇଯାଏ।

ଏହିପରି ଭକ୍ତମାନେ ମନରେ ନାନାଦି ଅଭିମାନ ପୋଷଣ କରନ୍ତି। ଆମେ ଭଗବାନଙ୍କର ଏତେ ପୂଜା ପାଠ କରୁଛୁ, ବ୍ରତ ଉପାସନା କରୁଅଛୁ, ତଥାପି ଦୁଃଖ ତ ଦୂରହେଉନାହିଁ। ଏହିକଥାକୁ ମନରେ ଧରି ସେମାନେ ଭଗବାନଙ୍କ ନିକଟରୁ ଅର୍ଥାତ୍ ଭକ୍ତି ମାର୍ଗରୁ ହୁଡ଼ି ଯାଆନ୍ତି। ସୁତରାଂ ବାବାଙ୍କ କୃପାରୁ ଏହିପରି ବ୍ୟକ୍ତିମାନଙ୍କ ଭିତରେ ପ୍ରେରଣା ଜାତ କରି ସଂସାରର ପ୍ରକୃତ ବାସ୍ତବତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବା ଅଭିପ୍ରାୟରେ ଅନେକ ସାଇଲୀଳା ସମ୍ପର୍କିତ ଓ ଶିରିଡ଼ି ସାଇଙ୍କ ଦିବ୍ୟ ମହିମାର ଗାଥା ଶୁଣିବାକୁ ଓ ପଢ଼ିବାକୁ ମିଳିଥାଏ। ଥରେ ଭାବି ଦେଖନ୍ତୁ ପ୍ରହ୍ଲାଦ କେତେ ବଡ଼ ଭକ୍ତ ନଥିଲେ ! ସବୁକିଛି ହାତ ପାଆନ୍ତାରେ ଥିଲା। ତଥାପି ତାଙ୍କୁ ଏତେ କଷ୍ଟ ଓ ପୀଡ଼ା ଯାତନା ଭୋଗିବାକୁ ପଡ଼ିଲା କାହିଁକି ? ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ତେବେ ଭକ୍ତର ସଂଜ୍ଞା କ'ଣ ? ସାଇ ସତ୍‌ଚରିତରେ ବାବା କହିଛନ୍ତି ଯିଏ ଅନ୍ୟକୁ କଷ୍ଟ ଦିଏ, ସେ ମୋତେ କଷ୍ଟ ଦିଏ ଏବଂ ଏହାର ବିପରୀତ ଯିଏ କଷ୍ଟ ସହ୍ୟ କରେ ସେ ମୋର ଅତ୍ୟନ୍ତ ପ୍ରିୟ। ଆଜି ଆଉ ଜଣେ ଭକ୍ତଙ୍କର କଥା ଆଲୋଚନା କରିବା। ଏହି ଭକ୍ତଜଣକ ହେଲେ ମୀରାବାଈ। ତାଙ୍କ ସମ୍ପର୍କରେ ଅନେକ ଶୁଣିଥିବେ ଓ ପଢ଼ିଥିବେ। ପ୍ରହ୍ଲାଦଙ୍କ ଭଳି ଏହା ବହୁଶହ ବର୍ଷ ତଳର ପୁରୁଣା ଘଟଣା ନୁହେଁ ଯେ କାଳ୍ପନିକ ମନେ ହେବ। ମାତ୍ର ପାଞ୍ଚଶହ ବର୍ଷ ତଳର ଘଟଣା। ମୀରାବାଈଙ୍କର କଥା ଇତିହାସରେ ମଧ ଉଲ୍ଲେଖ ହୋଇଛି। ସେ ରାଜ ପରିବାରର ସଦସ୍ୟ ଥିଲେ। ଭଗବାନଙ୍କୁ ପାଇବା ପାଇଁ କ'ଣ ତ୍ୟାଗ ନକଲେ। ହେଲେ ଏହି ମହତ୍ କାର୍ଯ୍ୟରେ ତାଙ୍କର ଘର ପରିବାର ଲୋକେ ସହାୟତା କରିବା ପରିବର୍ତ୍ତେ ତାଙ୍କୁ ବିରୋଧ କଲେ କାହିଁକି ? ଖାଲି ବିରୋଧ ତ କଲେ ନାହିଁ ବିଷ ପିଆଇ ମାରିଦେବାକୁ ପ୍ରୟାସ କଲେ କାହିଁକି ? ଏହା ଗୋଟିଏ ଜଟିଳ ପ୍ରଶ୍ନ। ଏହିପରି ଅନେକ ପ୍ରଶ୍ନର ଉତ୍ତର ଖୋଜି ପାଠକମାନଙ୍କୁ ପରଶିବା ପାଇଁ ସ୍ୱୟଂ ବାବାଙ୍କର ପ୍ରେରଣାରେ ବର୍ଷ ବର୍ଷ ଧରି ଅନେକ ଶିରିଡ଼ି ସାଇଙ୍କର ମହିମା ସମ୍ପର୍କିତ ପତ୍ରପତ୍ରିକା ଓ ପୁସ୍ତକ ହୋଇ ଆସୁଛି। ବାବାଙ୍କ ଇଚ୍ଛା ତାଙ୍କର ଭକ୍ତମାନେ ଏଥିରେ ପ୍ରକାଶ ପାଉଥିବା ତାଙ୍କର ଲୀଳା ଓ କଥାମାନ ପାଠ କରି ଭକ୍ତିଭାବରେ ରୋମାଞ୍ଚିତ ହୁଅନ୍ତୁ ଏବଂ ସଦାସର୍ବଦା ଈଶ୍ୱରଙ୍କର ସ୍ମରଣ ଓ ସାନ୍ନିଧ୍ୟରେ ରହନ୍ତୁ। ଏବେ ବାବା ସଶରୀରରେ ନାହାନ୍ତି ବୋଲି କେହି ଅନୁଭବ କରୁଥିଲେ ତାକୁ ଏହି କଥାସବୁ ଜୀବନ୍ତ ଚେତନାର ଅନୁଭୂତି ଆଣିଦେବ। ତଥାପି ଯଦି କାହା ପାଇଁ ଏହା ରୁଚିକର ନହେଲା, ତାହେଲେ କ'ଣ କରାଯିବ ? ଜୀବନସାରା ଆଉ ଦୁଃଖ କି କ୍ଲେଶର ଚିହ୍ନ ରହିବ ନାହିଁ ଜଣେ ସାଇଭକ୍ତ ଗୋଟିଏ କୌତୁହଳପ୍ରଦ କାହାଣୀ ବର୍ଣ୍ଣନା କରୁଥିଲେ। ଅଞ୍ଚଳର ଏକ ଦମ୍ପତି ବହୁ ପୂଜା, ବ୍ରତ, ଉପାସନା ଆଦି କଲେ ପୁତ୍ର ସନ୍ତାନଟିଏ ପ୍ରାପ୍ତି ଲକ୍ଷ୍ୟରେ। ଏମିତି କୌଣସି ଦେବାଦେବୀଙ୍କର ପୂଜା ନାହିଁ ସେମାନେ କରିନାହାନ୍ତି। ଶେଷରେ କାହାଠାରୁ ଶୁଣି ଶିରିଡ଼ି ସାଇ ସତ୍‌ଚରିତ ଯୋଗକୁ ବାବାଙ୍କ କୃପାରୁ ତାଙ୍କର ପୁତ୍ର ସନ୍ତାନଟିଏ ହେଲା। କିନ୍ତୁ ଯେଉଁଦିନ ପୁତ୍ରଲାଭ ହେଲା ମାନସିକ ପୂରଣ ହୋଇଗଲା ଜାଣି ସତ୍‌ଚରିତ ପଢ଼ା ବି ବନ୍ଦ ହୋଇଗଲା। ଏପରି ଲୋକମାନେ ଚିରକାଳ ଭଗବାନଙ୍କ ସାନ୍ନିଧ୍ୟ ବା କୃପା ପାଇବେ ବୋଲି କେହି ଯଦି ଭାବୁଥିବେ, ତାହେଲେ ସେମାନଙ୍କୁ କି ଉତ୍ତର ଦିଆଯିବ। ଆମ ଦୁନିଆର ଚାରିପଟରେ କେବଳ ଏହିପରି ମାନସିକତା !! ଏହା ରୁଗ୍ଣ କି ଆଉ କ'ଣ ତାହା ଆମର ଆଲୋଚନାର ପରିସର ବାହାରେ। ଗୋଟିଏ ଭଲ ଜିନିଷ ପଢ଼ିବାରେକି ଜାଣିବାରେ ତ ଆମର ଧୈର୍ଯ୍ୟ କି ଆଗ୍ରହ ରହୁନାହିଁ; ଆଉ ପ୍ରହ୍ଲାଦ, ମୀରାବାଈଙ୍କ ଭଳି ପରୀକ୍ଷା ହେଲେ କ'ଣ କହିବା !! ତଥାପି ଆମର ଇଚ୍ଛା ସେହିଭଳି ଭକ୍ତର ମାର୍କା ମିଳିଯାଆନ୍ତା। ଆମର ନାମ, ଯଶ, ଧନ, ସବୁ କିଛି ଚିରକାଳ ପାଇଁ ରହିଯାଆନ୍ତା। ଏହା କ'ଣ କେବେ ସମ୍ଭବ ? ଦୁନିଆରେ ସେମିତି କିଛି ହୁଏନାହିଁ। ଦୁନିଆରେ ଚଳିବା ଅତି କଷ୍ଟକର। ପ୍ରିୟ ପାଠକଗଣ, ଆପଣମାନଙ୍କୁ ବିନମ୍ରତାପୂର୍ବକ ଗୋଟିଏ ନିବେଦନ। ଶ୍ରୀ ସାଇଙ୍କର କୃପାରୂପୀ ଚରଣକୁ କେବେ ମନ ଭିତରୁ ଦୂର କରନ୍ତୁ ନାହିଁ। ଯଦି ପ୍ରତିକୂଳ ସମୟ ଦେଇ ଗତି କରୁଛନ୍ତି ତାହେଲେ ତାହା ନିଜ ଜୀବନର ସବୁଠାରୁ ଅନୁକୂଳ ସମୟ ମନେ କରି ଭଗବାନଙ୍କର ନିକଟତର ହେବାକୁ ଚେଷ୍ଟା କରନ୍ତୁ।

ଯୁଗ୍ମ ନିର୍ଦ୍ଦେଶକ 'ଓରମାସ୍', କଟକ, ଦୂରଭାଷ : ୯୪୩୭୬୬୬୪୫୩

# କୃଷି ଉପରେ ସ୍ୱତନ୍ତ୍ର ଗୁରୁତ୍ୱ

॥ ଇଂ.ସମ୍ବିଦ ସାଇନାରାୟଣ ଭୂୟାଁ ॥

କୃଷି କେବଳ ଆମର ପେଟପାଟଣା କଥା ନୁହେଁ, ଏହା ଆମ ଆର୍ଥିକ ଓ ସାମାଜିକ ଜୀବନର ମୂଳପିଣ୍ଡ। ଶିଳ୍ପ ଓ ସେବାକ୍ଷେତ୍ରର ପରିସର ବୃଦ୍ଧି ସତ୍ତ୍ୱେ ଓଡ଼ିଶାରେ ଏବେ ମଧ୍ୟ କୃଷି ଓ ତତ୍ ସଂଲଗ୍ନ କ୍ଷେତ୍ର ଏକ ଯୌଗିକ ବେଉସା ଭାବେ ସର୍ବାଧିକ ପ୍ରାୟ ୬୫% ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେଉଛି। ଆମ ଜିଡିପିକୁ ଏହାର ଅବଦାନ ପ୍ରାୟ ୨୨%। ସେବା ୪୨% ଓ ଶିଳ୍ପ ୩୬% ଅଭିବୃଦ୍ଧି ଦେଉଥିବାବେଳେ କୃଷି କ୍ଷେତ୍ରରେ ଏତେ ଅଧିକ ଲୋକ ନିଯୁକ୍ତି ସତ୍ତ୍ୱେ ଜିଡିପିକୁ କମ ଅବଦାନର କାରଣ ହେଲା ଏହା ବିଶେଷ ଲାଭଜନକ ଏ ଯାଏଁ ହୋଇପାରିନାହିଁ। ଆହୁରି ମଧ ଅଧିକାଂଶ ଲୋକ ନିଜର ଖାଦ୍ୟଶସ୍ୟ ଓ ତତ୍‌ଜନିତ ଆବଶ୍ୟକତା ପୂରଣ କରିବାକୁ ଚାଷବାସ, ଗୋପାଳନ, ମାଛଚାଷ ଏବଂ କୁକୁଡ଼ା ପାଳନ ଆଦି ବେଉସା କରନ୍ତି। ତେଣୁ ଆନୁପାତିକ ଭାବେ ଏଥିରୁ ଲାଭ କମ ଆସେ। ସେଥିରେ ପୁଣି ପ୍ରାକୃତିକ ବିପତ୍ତି ଏକ ନିୟମିତ ଘଟଣା। ତେବେ ସେ ଯା'ହେଉ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାରେ କୃଷିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଏକ ଖାଦ୍ୟାଭାବ ରାଜ୍ୟରୁ ଆମେ ଏବେ ଖାଦ୍ୟ ଶସ୍ୟ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇପାରିଛୁ। ଦାଣ୍ଡରୁ ଆସେ ହାଣିରେ ପଶେ ଅବସ୍ଥା ଆଉ ନାହିଁ। ଏହି ସଫଳତା ପଛରେ ରହିଛି ଓଡ଼ିଶା ସରକାରଙ୍କର ନିରବଚ୍ଛିନ୍ନ ପ୍ରୟାସ। ଚାଷ ଜମିକୁ ଜଳସେଚନ ସୁବିଧା ବୃଦ୍ଧି, ନୂଆ କୃଷିନୀତି ଦ୍ୱାରା ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ, ବିଭିନ୍ନ ପ୍ରକାର ଫସଲ ଚାଷ, ଅଣଧାନ୍ୟ ଫସଲ ଚାଷକୁ ପ୍ରୋତ୍ସାହନ, କୃଷି ସହିତ ସମ୍ପୃକ୍ତ ଉଦ୍ୟାନ କୃଷି, ମାଛଚାଷ, ଗୋପାଳନ ଓ ଛେଳି, ମେଣ୍ଢା, କୁକୁଡ଼ା, ବତକ ପାଳନ ଆଦି କାର୍ଯ୍ୟକୁ ଓଡ଼ିଶା ସରକାର ପ୍ରୋତ୍ସାହିତ କରି ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେଉଛନ୍ତି। ସ୍ୱତନ୍ତ୍ର କୃଷି ବଜେଟ ମାଧ୍ୟମରେ ଚାଷୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ପ୍ରଦାନ କରାଯାଉଛି। ତେଣୁ ଏସବୁ ନାନାବିଧ ଉଦ୍ୟମ ଓ ଯୋଜନାର ସୁଫଳ ଯେ ମିଳିଛି ତାହାକୁ ଅସ୍ୱୀକାର କରିହେବନାହିଁ।

କରୋନା ମହାମାରୀର ପ୍ରଭାବ ଓଡ଼ିଶାର କୃଷିକ୍ଷେତ୍ରକୁ ପ୍ରଭାବିତ କରିଥିଲା। ଏହା ଫଳରେ ୨୦୨୦-୨୧ ଦୁଇ ବର୍ଷ ମଧ୍ୟରେ କୃଷି କ୍ଷେତ୍ରର ଅଭିବୃଦ୍ଧି ୬.୫୪% ସଂକୁଚିତ ହୋଇଥିଲା। ଏବେ ମହାମାରୀର ପ୍ରଭାବ ନାହିଁ। ସବୁ କ୍ଷେତ୍ର ସ୍ୱାଭାବିକ ତେଣୁ କୃଷିକ୍ଷେତ୍ରର ଅଭିବୃଦ୍ଧି ହାର ବଢ଼ାଇବାକୁ ରାଜ୍ୟ ସରକାର ତତ୍ପର। ନିକଟରେ କୃଷି ବିଭାଗର ନବନିଯୁକ୍ତ କର୍ମଚାରୀମାନଙ୍କୁ ଉଦବୋଧନ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଏହି କ୍ଷେତ୍ର ସର୍ବାଧିକ ଲୋକଙ୍କୁ ନିଯୁକ୍ତି ଦେଉଥିବାରୁ ଏହାର ବିକାଶ ଉପରେ ତାଙ୍କ ସରକାର ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି। ସାମାଜିକ ଆର୍ଥିକ ବିକାଶରେ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଏଥିପାଇଁ ସରକାର ସବୁମତେ ଉଦ୍ୟକ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଯଥାର୍ଥ ଏବଂ ସେ ଏହି କ୍ଷେତ୍ରର ଗୁରୁତ୍ୱ ଓ ଅପରିହାର୍ଯ୍ୟତା ଭଲ ଭାବେ ବୁଝିଥିବା ସ୍ପଷ୍ଟ। ସେଥିପାଇଁ ତ ସରକାର କୃଷି କ୍ଷେତ୍ରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ହସ୍ତକ୍ଷେପ କରି ଏହାର ପ୍ରଗତି ପାଇଁ କାର୍ଯ୍ୟ କରୁଛନ୍ତି। ବସ୍ତୁତଃ, ସମାବେଶୀ ଓ ପ୍ରଗତିଶୀଳ ରାଜ୍ୟ କୃଷି ନୀତି ତାହାର ସ୍ୱତନ୍ତ୍ର ଉଦାହରଣ। ନୂଆ ପ୍ରୟାସରେ ନୂତନ ଓ ଅତିରିକ୍ତ ଲୋକବଳର ଆବଶ୍ୟକତା ରହିଛି। ଏହି ଲୋକଶକ୍ତି ନିଷ୍ଠାର ସହ କାର୍ଯ୍ୟକଲେ କୃଷି କ୍ଷେତ୍ରର ଉନ୍ନତି ନିଶ୍ଚିତ ସମ୍ଭବ। କାଳିଆ ଯୋଜନା ଠାରୁ ଆରମ୍ଭ କରି ବିହନ ମିଶନ ଓ ଧାନ ସଂଗ୍ରହ ଆଦି କାର୍ଯ୍ୟରେ ପ୍ରତ୍ୟେକ କୃଷିଜୀବୀଙ୍କୁ ଉପକୃତ କରିବାକୁ ସରକାର ପ୍ରୟାସ କରୁଛନ୍ତି। ସର୍ବୋପରି କୃଷିକୁ ୫-ଟି ଓ ମୋ ସରକାର ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି। କୃଷିକ୍ଷେତ୍ରରେ ଟେକନୋଲୋଜିର ପ୍ରୟୋଗ ସହିତ ଚାଷକୁ ଅଧିକ ସରଳ ଓ ସହଜ କରିବାକୁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି।

ସତକଥା କହିବାକୁ ଗଲେ ଓଡ଼ିଶା କୃଷି ଆଉ ପୂର୍ବଭଳି ଦୟନୀୟ ଅବସ୍ଥାରେ ନାହିଁ। ରାଜ୍ୟ ଖାଦ୍ୟଶସ୍ୟ ଉତ୍ପାଦନରେ ବଳକା ହୋଇଛି। ଦୁଗ୍ଧ, ମାଛ, ମାଂସ, ଅଣ୍ଡା, କାଜୁ ଓ ଅନ୍ୟାନ୍ୟ ଉଦ୍ୟାନ କୃଷି ଫସଲରେ ଅଗ୍ରଣୀ ରହିଛି। ଏହାସତ୍ତ୍ୱେ ଏ କ୍ଷେତ୍ରରେ ଆହୁରି ଅନେକ କିଛି ସମସ୍ୟା ରହିଛି। ସେଥିରୁ ପ୍ରଥମଟି ହେଲା ଚାଷବାସ କ୍ଷେତ୍ରରେ ଆବଶ୍ୟକତା ଠାରୁ ଅଧିକ ଲୋକ ରହିଛନ୍ତି। ସେମାନଙ୍କୁ ଅନ୍ୟତ୍ର ବିକଳ୍ପ ଓ ଯଥାର୍ଥ ରୋଜଗାର ସୁବିଧା ଯୋଗାଇବାକୁ ପଡ଼ିବ। ଦ୍ୱିତୀୟ କଥା ହେଲା ଧାନଚାଷ ପରିମାଣ କମାଇ, ସେ ଜମିରୁ ତୈଳବୀଜ, ପନିପରିବା ସମେତ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ହେବ। ରାଜ୍ୟ ସରକାର ଏ କ୍ଷେତ୍ରରେ ଅବଶ୍ୟ କିଛି ପଦକ୍ଷେପ ଆରମ୍ଭ କରି ଅଣଧାନ୍ୟ ଫସଲ ଚାଷକୁ ଉତ୍ସାହିତ କରୁଛନ୍ତି। ତୃତୀୟ କଥାଟି ହେଲା ଗ୍ରାମାଞ୍ଚଳରେ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କୃଷିଜାତ ଦ୍ରବ୍ୟର ସଂଗ୍ରହ ଓ ବିପଣନକୁ ଅଧିକ ସୁସଂହତ କରିବାକୁ ହେବ ଏବଂ ଖାଦ୍ୟ ଶସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ଅଧିକ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଚାଷୀ ଯେପରି ଠିକ୍ ସମୟରେ ସାର, କୀଟନାଶକ ଓ ବିହନ ପାଆନ୍ତି, ସେ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ହେବ। ସର୍ବୋପରି କୃଷି ବିଭାଗର କ୍ଷେତ୍ରସ୍ତରରେ କର୍ମଚାରୀ ଅଭାବ ରହିଛି। ଫଳରେ ଚାଷୀ ଉପଯୁକ୍ତ ପରାମର୍ଶ ଓ ଦିଗଦର୍ଶନ ପାଉନାହାନ୍ତି। ସେଥିପ୍ରତି ସରକାରଙ୍କୁ ଅଗ୍ରାଧିକାର ଭିତ୍ତିରେ କାମ କରିବାକୁ ପଡ଼ିବ। ସରକାର କୃଷିକ୍ଷେତ୍ରକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ଅର୍ଥ ସମଗ୍ର ବିଭାଗ ଏହାର ଗୁରୁତ୍ୱକୁ ଅନୁଭବ କରୁଥିବେ ନିଶ୍ଚୟ। ତେଣୁ ତାଙ୍କ ଲକ୍ଷ୍ୟ ପୂରଣ କରିବା ଦିଗରେ ସମ୍ପୃକ୍ତ ବିଭାଗ ସଫଳ ହେବ ବୋଲି ଆଶା କରିବା ସ୍ୱାଭାବିକ। ରାଜ୍ୟର ଅର୍ଥ ବିଭାଗ ଭଲ କାମ କରୁଛି। ଏବେ ଅର୍ଥର ଅଭାବ ସରକାରଙ୍କର ନାହିଁ। ତେଣୁ ଯେଉଁସବୁ ଅଗ୍ରାଧିକାର କ୍ଷେତ୍ର ଅଧିକ କର୍ମଚାରୀ, ସମ୍ବଳ ଓ ରାଜକୃପା ମାଗୁଛି, ତାହାକୁ ପୂରଣ କରାଯିବା ଉଚିତ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,ମୋ ୯୪୩୯୮୬୫୪୩୧



# ବିକଶିତ ଓଡ଼ିଶା@୨୦୩୬

## ପ୍ରଗତିର ନୂତନ ସୂର୍ଯ୍ୟୋଦୟ

"ଆମ ସରକାର ହେଉଛି ଲୋକଙ୍କ ସରକାର । ଓଡ଼ିଶାର ୪.୫ କୋଟି ଜନସାଧାରଣଙ୍କ ଆଶା-ଆକାଂକ୍ଷା ଏବଂ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ', ୨୦୪୭ ସଂକଳ୍ପର ରୂପାୟନ ନିମନ୍ତେ ଆମେ ପ୍ରତିବଦ୍ଧ । ୨୦୪୭ ସୁଦ୍ଧା ଆମେ ୧.୫ ଟ୍ରିଲିୟନ୍ ଆମେରିକୀୟ ଡଲାର ଅର୍ଥନୀତିର ଲକ୍ଷ୍ୟ ରଖିଛୁ । ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପାଳନ କଲାବେଳକୁ ଆମେ ବିକାଶର ନୂତନ ଶିଖର ସ୍ପର୍ଶ କରିବା । ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପ୍ରଧାନମନ୍ତ୍ରୀଙ୍କ ଆକାଂକ୍ଷିତ 'ପୂର୍ବୋଦୟ' ଲକ୍ଷ୍ୟ ହାସଲ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ।"

ବନ୍ଦେ ଉତ୍କଳ ଜନନୀ

**ଶ୍ରୀ ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ**

## ସଫଳତାର ୧୦୦ ଦିନ



### ଅର୍ଥ ଓ ବିତ୍ତ ବ୍ୟବସ୍ଥା

- ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ସାମାଜିକ ନ୍ୟାୟ ସୁନିଶ୍ଚିତ କରିବା ଓ 'ନାରୀଶକ୍ତି' ଏବଂ 'ଅନ୍ନଦାତା'ଙ୍କୁ ସଶକ୍ତ କରିବା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୨.୬୫ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ
- ବିକଶିତ ଭାରତ@୨୦୪୭ ନିମନ୍ତେ ବିକଶିତ ଓଡ଼ିଶା@୨୦୩୬ର ଭିଜନ ଡକ୍ୟୁମେଣ୍ଟ ପ୍ରଣୟନ ପାଇଁ ନୀତି ଆୟୋଗ ସହ ରାଜ୍ୟର ମିଳିତ ପ୍ରୟାସ
  - ଓଡ଼ିଶାକୁ ୧.୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଆଶା



### ଓଡ଼ିଆ ଅସ୍ମିତା

- ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ପାଇଁ ୨୦୦ କୋଟି ଟଙ୍କାର କର୍ପସ ପାଣ୍ଠି
- ଶତାୟୁ ବିଦ୍ୟାଳୟଗୁଡ଼ିକର ପୁନର୍ବିକାଶ ପାଇଁ 'ଐତିହ୍ୟ ବିକାଶ ଯୋଜନା'



### ଜନଜାତି ବିକାଶ

- ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପ୍ ଆଉଟ ହ୍ରାସ ଲକ୍ଷ୍ୟରେ 'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା'ରେ ୫ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ
- ୬ଟି ବିଶେଷ ଭାବେ ବିପଦସଙ୍କୁଳ ଆଦିମ ଜନଜାତି ଗୋଷ୍ଠୀ ଯଥା:- ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ, ନୂଆପଡ଼ାର ଚୁକଟିଆ ଭୁଞ୍ଜିଆ, ଗଜପତିର ସଉରା ଓ ମୟୂରଭଞ୍ଜର ମାଙ୍କିଡ଼ିଆ ଏବଂ ଖରିଆ ଜନଜାତି ଗୋଷ୍ଠୀଙ୍କୁ ବସତି ଅଧିକାର ପ୍ରଦାନ
- ଚଳିତ ଶିକ୍ଷା ବର୍ଷରୁ ୧୫ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏବଂ ୧୦ଟି ନୂତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାର୍ଯ୍ୟକ୍ଷମ
- ପ୍ରଧାନମନ୍ତ୍ରୀ-ଜନମନ ଅଧୀନରେ ବିଶେଷ ଭାବେ ବିପଦସଙ୍କୁଳ ଆଦିମ ଜନଜାତି ଗୋଷ୍ଠୀଙ୍କ ପାଇଁ ୪୩ଟି ବନ ଧନ ବିକାଶ କେନ୍ଦ୍ର ଓ ୬୧ଟି ବହୁମୁଖୀ କେନ୍ଦ୍ରର ପ୍ରତିଷ୍ଠା
- ପ୍ରଧାନମନ୍ତ୍ରୀ-ଜନମନ ଅଧୀନରେ ୭୩ଟି ବିଶେଷ ଭାବେ ବିପଦସଙ୍କୁଳ ଆଦିମ ଜନଜାତି ବସତିକୁ ସର୍ବକାଳୀନ ଗମନାଗମନ ବ୍ୟବସ୍ଥା
- ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ପ୍ରତିଷ୍ଠା ହେବ ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର




### ନାରୀଶକ୍ତିକୁ ଶକ୍ତି 'ସୁଭଦ୍ରା'

- ପାଞ୍ଚ ବର୍ଷ ପାଇଁ ୫୫ ହଜାର କୋଟି ଟଙ୍କା ବ୍ୟବସ୍ଥାର ପ୍ରତିବଦ୍ଧତା
- ଉପକୃତ ହେବେ ୧ କୋଟିରୁ ଅଧିକ ମହିଳା
- ୨୫.୧୧ ଲକ୍ଷ ମହିଳା ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲାଣି ୧୨୫୫.୫୭ କୋଟି ଟଙ୍କା



### ଜନ ଅଭିଯୋଗ ଶୁଣାଣି

- ଦୀର୍ଘ ୧୬ ବର୍ଷର ବ୍ୟବଧାନ ପରେ ୦୧ ଜୁଲାଇ, ୨୦୨୪ରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
- ଭବିଷ୍ୟତରେ ସମ୍ବଲପୁର ଓ ବ୍ରହ୍ମପୁରରେ ମଧ୍ୟ ହେବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି



### ଶ୍ରୀମନ୍ଦିର, ପୁରୀ

- ପ୍ରତିଶ୍ରୁତି ହେଲା ପୂରଣ: ଭକ୍ତଙ୍କ ପାଇଁ ଖୋଲିଲା ଶ୍ରୀମନ୍ଦିର ଚାରିଦ୍ୱାର
- ଖୋଲିଲା ପୁରୀ ଶ୍ରୀମନ୍ଦିରର ଭିତର ରତ୍ନ ଭଣ୍ଡାର
- ଜଗନ୍ନାଥ ସଂସ୍କୃତି ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ପ୍ରାବଧାନ



### ସ୍ୱାସ୍ଥ୍ୟସେବା

- ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ମଧ୍ୟ ସାମିଲ ହେବ ଓଡ଼ିଶା
- ରାଜ୍ୟର ପ୍ରାୟ ୧ କୋଟି ପରିବାରଙ୍କୁ ଦେଶର ୨୭ ହଜାରରୁ ଉର୍ଦ୍ଧ୍ୱ ହସ୍ପିଟାଲରେ ନିଃଶୁଳ୍କ ଚିକିତ୍ସା ପାଇଁ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା
- ଯାଜପୁର, ବାଲେଶ୍ୱର, ବଲାଙ୍ଗୀର, ପୁରୀ, କୋରାପୁଟ, ମୟୂରଭଞ୍ଜ ଓ ତାଳଚେରସ୍ଥିତ ମେଡିକାଲ କଲେଜଗୁଡିକରେ ହେବ ନୂତନ ନର୍ସିଂ କଲେଜ ପ୍ରତିଷ୍ଠା
- ମେଡିକାଲ କଲେଜ ଓ ହସ୍ପିଟାଲରେ ଅତିରିକ୍ତ ଅତ୍ୟାବଶ୍ୟକ ଚିକିତ୍ସା ସାମଗ୍ରୀ କିଣିବା ପାଇଁ ୨୦୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା



### ସାମାଜିକ ସୁରକ୍ଷା

- ୮୦ ବର୍ଷରୁ ଅଧିକ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତା ୧୨୦୦ରୁ ୩,୫୦୦ ଟଙ୍କାକୁ ବୃଦ୍ଧି
- ନିର୍ମାଣ ଶ୍ରମିକଙ୍କୁ ଅନୁକମ୍ପାମୂଳକ ସହାୟତା ରାଶିରେ ଉଲ୍ଲେଖନୀୟ ବୃଦ୍ଧି: ଦୁର୍ଘଟଣାଜନିତ ମୃତ୍ୟୁରେ ଅନୁକମ୍ପାମୂଳକ ରାଶି ୪ ଲକ୍ଷ ରୁ ୬ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁରେ ୨ ରୁ ୩ ଲକ୍ଷ ଟଙ୍କାକୁ ବଢ଼ିଲା



### ପରିବେଶ ଓ ଜଳବାୟୁ କାର୍ଯ୍ୟକ୍ରମ

"ମା' ନାମରେ ଗଛଟିଏ" ଅଭିଯାନରେ ଦେଶରେ ସର୍ବାଧିକ ପ୍ରାୟ ୪.୧୫ କୋଟି ଚାରା ରୋପଣ

DADLS-32



## ବିଦ୍ୟାଳୟ ଶିକ୍ଷା

- ପିଏମ-ଶ୍ରୀ ଯୋଜନା ଅଧୀନରେ ରାଜ୍ୟରେ ଥିବା ୫୦୦ଟି ପ୍ରାଥମିକ ବିଦ୍ୟାଳୟ ଉତ୍କର୍ଷ କେନ୍ଦ୍ରରେ ପରିଣତ ହେବ
- 'ନିପୁଣ ଓଡ଼ିଶା' : ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆହରଣକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ଯୋଜନା
- 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ରେ ସୁନିଶ୍ଚିତ ହେବ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷା



## ଉଚ୍ଚ ଶିକ୍ଷା

- ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ-ଉଷା)ର କାର୍ଯ୍ୟାନ୍ୱୟନ ନିମନ୍ତେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ
- ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ୪୦ଟି ପ୍ରାକ୍-ସ୍ନାତକ ପାଠ୍ୟକ୍ରମ ସଂଶୋଧିତ
- ଉଚ୍ଚଶିକ୍ଷାର ଉନ୍ନତି ପାଇଁ ମହାବିଦ୍ୟାଳୟ ନଥିବା ବ୍ଲକଗୁଡ଼ିକରେ ଖୋଲିଲା ୧୮ଟି ନୂଆ ସରକାରୀ କଲେଜ
- ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ-୨୦୨୦ ଉଚ୍ଛେଦ ପାଇଁ ନୀତିଗତ ନିଷ୍ପତ୍ତି



## ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

- ଆତିଥ୍ୟ ଓ ପରିଚର୍ଯ୍ୟା ପାଠ୍ୟକ୍ରମ ପାଇଁ ସ୍ୱତନ୍ତ୍ର ଶିକ୍ଷାକେନ୍ଦ୍ର ଭାବରେ ଭୁବନେଶ୍ୱରରେ ପ୍ରତିଷ୍ଠା ହେଲା 'କୌଶଳ ଭବନ'
- ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଡିଜିଟାଲ ସ୍କିଲିଂ ଅଭିଯାନକ୍ରମେ ୩୦ଟି ଦକ୍ଷତା ବିକାଶ ହବରେ ୩୦ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଦିଆଯିବ ୬ ହଜାରରୁ ଅଧିକ ପାଠ୍ୟକ୍ରମର ଶିକ୍ଷା



## ଜଳସମ୍ପଦ

- ୪୬ ବର୍ଷ ପରେ ହୀରାକୁଦ ଜଳସେଚିତ ଅଞ୍ଚଳରେ ଫଳପ୍ରଦ ଜଳ ପରିଚାଳନା ପାଇଁ ୮୫୫ କୋଟି ଟଙ୍କା ବ୍ୟୟରେ ହୀରାକୁଦ କେନାଲ ବ୍ୟବସ୍ଥାର ପୁନରୁଦ୍ଧାର
- ନୟାଗଡ଼ ଜିଲ୍ଲାର ୫ଟି ମରୁଡ଼ିପ୍ରବଣ ବ୍ଲକପାଇଁ ପ୍ରସ୍ତାବିତ ୨୩,୩୦୦ ହେକ୍ଟର ଆୟକଟ ବିଶିଷ୍ଟ ବୃଭଙ୍ଗ ଜଳସେଚନ ପ୍ରକଳ୍ପ ନିମନ୍ତେ ଜଙ୍ଗଲ କିସମ ପରିବର୍ତ୍ତନ ପାଇଁ ଅନୁମତି
- ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଲାଗି ସମ୍ବଲପୁର ଓ ଅନ୍ୟାନ୍ୟ ସ୍ଥାନରେ 'ମହାନଦୀ ରିଭର ଫ୍ରଣ୍ଟ ବିକାଶ' ପରିଯୋଜନା ହେବ କାର୍ଯ୍ୟକାରୀ



## ଗୃହ ନିର୍ମାଣ ଓ ନଗର ଉନ୍ନୟନ

- ଅମୃତ ୨.୦ ଅଧୀନରେ 'ଅମୃତ ମିତ୍ର' ଅଭିଯାନ : ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୬୦ଟି ଜଳାଶୟର ପୁନରୁଦ୍ଧାର
- ପ୍ରଧାନମନ୍ତ୍ରୀ ଇ-ବସ୍ ସେବା : ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ ଖୁବଶୀଘ୍ର ୪୦୦ ଟି ଇ-ବସ୍ କରିବ ଚଳାଚଳ
- ସହଜ ଜୀବନଧାରାକୁ ପ୍ରୋତ୍ସାହନ : ଓଡ଼ିଶା ଲୋକସେବା ଅଧିକାର ଆଇନ, ୨୦୧୨ ଅଧୀନରେ ବିଲ୍ଡିଂ ପ୍ଲାନ୍ ଓ ବ୍ୟବସାୟ ଲାଇସେନ୍ସ ସମ୍ବନ୍ଧିତ ୫ଟି ଗୁରୁତ୍ୱପୂର୍ଣ୍ଣ ପୌର ସେବା ସାମିଲ
- ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ଆୟୋଜନ ଏବଂ ୭୯୧.୬୧ କୋଟି ଟଙ୍କା ବିନିଯୋଗ କ୍ରମେ ୧୩୬ଟି ଭିତ୍ତିଭୂମି ବିକାଶ ପ୍ରକଳ୍ପର ଶିଳାନ୍ୟାସ: ଉପକୃତ ହେବେ ବିଭିନ୍ନ ସହରର ୨୨ ଲକ୍ଷ ଲୋକ
- ୩୫୯ କୋଟି ଟଙ୍କା ବିନିଯୋଗ କ୍ରମେ ୩୩୫ଟି ସହରାଞ୍ଚଳ ବିକାଶ ପ୍ରକଳ୍ପ ଲୋକାର୍ପିତ, ବିଭିନ୍ନ ସହରାଞ୍ଚଳର ୧୭ ଲକ୍ଷ ଲୋକ ହେବେ ଉପକୃତ



## କୃଷି ଓ ଆନୁଷଙ୍ଗିକ କ୍ଷେତ୍ର

- 'ସମୃଦ୍ଧ କୃଷକ ଯୋଜନା'ରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ କ୍ୱିଣ୍ଟାଲ ପିଛା ଅଧିକ ୮୦୦ ଟଙ୍କା ବୃଦ୍ଧି : ଉପକୃତ ହେବେ ପ୍ରାୟ ୨୦ ଲକ୍ଷ କୃଷକ
- ବାଦ୍ ପଡ଼ିଥିବା ସମସ୍ତ ଯୋଗ୍ୟ ଚାଷୀଙ୍କୁ ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ, ଉପକୃତ ହେବେ ପ୍ରାୟ ୫ ଲକ୍ଷ କୃଷକ
- ଅଚଳ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ୧୦୮୪ କୋଟି ଟଙ୍କାର ପ୍ରାବଧାନ
- 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' : ରାଜ୍ୟରେ ଦୈନିକ ଦୁଗ୍ଧ ଉତ୍ପାଦନକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ଯୋଜନାର ଶୁଭାରମ୍ଭ, ୧୫ ଲକ୍ଷରୁ ଅଧିକ ଦୁଗ୍ଧଚାଷୀ ହେବେ ଉପକୃତ
- ଦୁଗ୍ଧ ସମବାୟ ସମିତିଗୁଡ଼ିକର ଦୃଢ଼ୀକରଣ ଓ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ଏନଡିଡିବି ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ, ୧.୫ ଲକ୍ଷ ଦୁଗ୍ଧଚାଷୀ ହେବେ ଉପକୃତ
- ବାଲେଶ୍ୱର ଜିଲ୍ଲାର ବସ୍ତାଠାରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟକର ପାଇକାରୀ ମତ୍ସ୍ୟ ବଜାର ନିର୍ମାଣ



## ଶିଳ୍ପ ଓ ବାଣିଜ୍ୟ ବିକାଶ

- ୫,୯୯୨ କୋଟି ଟଙ୍କାର ୨୬ଟି ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ପ୍ରାଧିକରଣର ଅନୁମୋଦନ, ସୃଷ୍ଟି ହେବ ୧୯ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ
- ଅଟୋମୋବାଇଲ, ବୈଦ୍ୟୁତିକ ଯାନ, ସେମିକଣ୍ଡକ୍ଟର ଏବଂ ଆଇଟି କ୍ଷେତ୍ର ଭଳି ଶିଳ୍ପ ପାଇଁ ରାଜ୍ୟ ରାଜଧାନୀ ଅଞ୍ଚଳରେ ପ୍ରତିଷ୍ଠା ହେବ ଏଫ୍.ଡି.ଆଇ. ପାର୍କ
- ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଖୋର୍ଦ୍ଧାର କାଳିବାଟି ଓ ଭୁଇଁପୁରରେ ପ୍ରତିଷ୍ଠା ହେବ ଦୁଇଟି ପୋଷାକ ତିଆରି ପାର୍କ
- ଖାଦ୍ୟ ସାମଗ୍ରୀ ପ୍ରସ୍ତୁତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠା ହେବ ମେଗା ଫୁଡ୍ ପାର୍କ
- ୧୧ଟି ନୂତନ ଏମ୍ଏସ୍ଏମ୍ଇ ପାର୍କ ପ୍ରତିଷ୍ଠା ସାଙ୍ଗକୁ ରହିଥିବା ଏମ୍ଏସ୍ଏମ୍ଇ ପାର୍କଗୁଡ଼ିକର ହେବ ସଂପ୍ରସାରଣ
- 'କନେକ୍ଟ ଓଡ଼ିଶା' ଯୋଜନା ଅଧୀନରେ ବାଣିଜ୍ୟ ତଥା ଆନୁଷଙ୍ଗିକ ବ୍ୟବସ୍ଥାର ସୁବିଧା ପାଇଁ ୮ଟି ପ୍ରମୁଖ ସ୍ଥାନରେ ହେବ ମଲ୍ଟି ମୋଡାଲ ଲଜିଷ୍ଟିକ୍ ପାର୍କ
- ଇନଫୋ ଭ୍ୟାଲି ଇ.ଏମ୍.ସି. ଭୁବନେଶ୍ୱରରେ ଭାରତର ପ୍ରଥମ ସମନ୍ୱିତ ସିଲିକନ କାର୍ବାଇଡ ଉତ୍ପାଦନ କାରଖାନାର ଶୁଭାରମ୍ଭ
- ଭୁବନେଶ୍ୱର ନିକଟସ୍ଥ ଅରାଙ୍ଗଠାରେ ୨୦୦ ଏକର ପରିମିତ ଜମି ଉପରେ ଉତ୍ସର୍ଗୀକୃତ ସେମିକଣ୍ଡକ୍ଟର ପାର୍କର ପ୍ରତିଷ୍ଠା
- ବୈଷୟିକ ଶିଳ୍ପ ପାଇଁ ୧୦ ନିୟୁତ ବର୍ଗଫୁଟ ପ୍ଲଗ୍-ଆଣ୍ଡ-ପ୍ଲେ ସ୍ଥାନ ସ୍ଥିରୀକୃତ
- ଆଗାମୀ ୫ ବର୍ଷରେ ଆଇଟି/ଆଇଟିଇଏସ୍/ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ସୃଷ୍ଟି ହେବ ୫୦ ହଜାର ନୂତନ ନିଯୁକ୍ତି
- ଜୁନ ୨୦୨୭ ସୁଦ୍ଧା ରାଉରକେଲା, ସମ୍ବଲପୁର, ପାରାଦୀପ ଓ ଧାମରାକୁ ସଂଯୋଗ କରିବ ଶିଳ୍ପ କରିଡର
- କଳିଙ୍ଗ ନଗର, ଝାରସୁଗୁଡ଼ା, ରାଉରକେଲା, ଭୁବନେଶ୍ୱର, ଜଗତପୁର, କେନ୍ଦୁଝର ଓ ଦାମନଯୋଡ଼ି ଶିଳ୍ପାଞ୍ଚଳରେ 'ଦୀନଦୟାଲ କର୍ମଚାରୀ ନିବାସ ଯୋଜନା' ଅଧୀନରେ ନିର୍ମାଣ ହେବ ଶ୍ରମିକ ହଷ୍ଟେଲ
- ୫୦ ମିଲିଅନ ମେଟ୍ରିକ ଟନ ମାଲ ପରିବହନ ପାଇଁ ଗୋପାଳପୁର ବନ୍ଦରକୁ କରାଯିବ ଉନ୍ନୀତ



## ଗ୍ରାମ୍ୟ ଉନ୍ନୟନ

- 'ସେତୁ ବନ୍ଧନ ଯୋଜନା'ରେ ଗ୍ରାମାଞ୍ଚଳ ସଂଯୋଗୀକରଣ ପାଇଁ ନିର୍ମିତ ହେବ ୫୦୦ଟି ନୂତନ ସେତୁ
- ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୪ (ପିଏମଜିଏସୱାଇ-୪)ରେ ସଂଯୋଗବିହୀନ ୧୫୨୩ଟି ଗ୍ରାମକୁ ସର୍ବକାଳୀନ ସଡ଼କ ଯୋଗାଯୋଗ
- 'ବିକଶିତ ଗାଁ, ବିକଶିତ ଓଡ଼ିଶା' : ଗ୍ରାମାଞ୍ଚଳ ଭିତ୍ତିଭୂମି ନିର୍ମାଣ ଓ ସାମଗ୍ରିକ ବିକାଶ ପାଇଁ ୧,୦୦୦ କୋଟି ଟଙ୍କାର ବ୍ୟବସ୍ଥା
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମ୍ୟ)ରେ ଗତ ୧୦୦ ଦିନ ମଧ୍ୟରେ ପ୍ରାୟ ୧ ଲକ୍ଷ ଘର ହୋଇଛି ସମ୍ପୂର୍ଣ୍ଣ
- 'ଅନ୍ତ୍ୟୋଦୟ ଗୃହ ଯୋଜନା' : ବାଦ୍ ପଡ଼ିଥିବା ନିମ୍ନ ଆୟକାରୀ ପରିବାରଙ୍କ ପାଇଁ ବାସଗୃହ ନିର୍ମାଣ ସକାଶେ ୧୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା
- ଗତ ୧୦୦ ଦିନ ମଧ୍ୟରେ ବୃହତ, ଏକକ ଏବଂ ସୌରଚାଳିତ ପାଇପ୍ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ୧.୨୫ ଲକ୍ଷରୁ ଅଧିକ ପରିବାରକୁ ଟ୍ୟାପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା କାର୍ଯ୍ୟକ୍ଷମ



## ଯୁବସେବା ଓ କ୍ରୀଡ଼ା

- ତୃଣମୂଳସ୍ତରୀୟ କ୍ରୀଡ଼ାର ବିକାଶ, ମିନି ଷ୍ଟାଡିୟମ, ଜିଲ୍ଲାସ୍ତରୀୟ କ୍ରୀଡ଼ା ଏକାଡେମୀ ଓ ରାଜ୍ୟର ୪ଟି ଜୋନରେ ଅତ୍ୟାଧୁନିକ ଏକାଡେମୀର ପ୍ରତିଷ୍ଠା ପାଇଁ ୯୫୨ କୋଟି ଟଙ୍କାର ବ୍ୟୟବରାଦ
- ସମ୍ବଲପୁରରେ ଅତ୍ୟାଧୁନିକ ବହୁମୁଖୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣର ଯୋଜନା
- ଯୁବ ନେତୃତ୍ୱ ଓ ସ୍ୱେଚ୍ଛାସେବୀ ମନୋଭାବର ବିକାଶ, କ୍ରୀଡ଼ା ଓ କ୍ରୀଡ଼ାସଂସ୍କୃତିର ଅଭିବୃଦ୍ଧି ପାଇଁ 'ଯୁବ ଶକ୍ତି ଯୋଜନା'ରେ ୧୦୦ କୋଟି ଟଙ୍କାର ବ୍ୟୟବରାଦ



## ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହନ

ଜାତୀୟ ନେଟ୍ ଜିରୋ ଲକ୍ଷ୍ୟ ହାସଲ ପାଇଁ ଅକ୍ଷୟ ଶକ୍ତି ଉପରେ ଗୁରୁତ୍ୱ

- ୬୧୩ କୋଟି ଟଙ୍କାର 'ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଯୋଜନା'ର ଶୁଭାରମ୍ଭ
- 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା' ରାଜ୍ୟରେ ହେବ କାର୍ଯ୍ୟକାରୀ
- 'ସୌରଶକ୍ତି ପ୍ରୋତ୍ସାହନ ଯୋଜନା' ମାଧ୍ୟମରେ ଓଡ଼ିଶା ସରକାର ପ୍ରଦାନ କରିବେ ଅତିରିକ୍ତ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପରିପୂରକ ପାଣ୍ଠି



## ନିଯୁକ୍ତି ଓ ଜୀବିକାର୍ଜ୍ଜନକୁ ଗୁରୁତ୍ୱ

- ବ୍ୟାପକ ନିଯୁକ୍ତି ଅଭିଯାନ : ୫ ବର୍ଷରେ ପୂରଣ ହେବ ୧.୫ ଲକ୍ଷ ସରକାରୀ ପଦବୀ, ପ୍ରଥମ ଦୁଇ ବର୍ଷରେ ୬୫ ହଜାର ଏବଂ ୨୦୨୪ ଡିସେମ୍ବର ସୁଦ୍ଧା ୨୦ ହଜାର ପଦବୀରେ ନିଯୁକ୍ତି
- ପୂର୍ବତନ ଅଗ୍ନିବୀରମାନଙ୍କୁ ରାଜ୍ୟର ୟୁନିଫର୍ମ ସେବାର ସମସ୍ତ ଗ୍ରୁପ୍ 'ସି' ଓ 'ଡି' ପଦବୀରେ ନିଯୁକ୍ତି ପାଇଁ ସମାନ୍ତରାଳ ଭାବେ ସବୁ ବର୍ଗରେ ୧୦ ପ୍ରତିଶତ ସଂରକ୍ଷଣ ସହିତ ବୟସ ସୀମା ୩ ବର୍ଷ କୋହଳ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ଛାଡ
- ଲକ୍ଷପତି ଦିଦି : ୨୦୨୭ ସୁଦ୍ଧା ୨୫ ଲକ୍ଷ ମହିଳା ହେବେ ଲକ୍ଷପତି ଦିଦି
- ଆର୍ଥିକ କାର୍ଯ୍ୟକଳାପ ସୃଷ୍ଟି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଉତ୍ପାଦ ବୃଦ୍ଧି ପାଇଁ ୧,୧୬୨ କୋଟି ଟଙ୍କାର ବ୍ୟୟବରାଦ



## ଭାରତ ସରକାରଙ୍କ ପ୍ରମୁଖ ପଦକ୍ଷେପ

- ଓଡ଼ିଶାରେ ରେଳ ଭିତ୍ତିଭୂମି ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୧୦,୫୮୬ କୋଟି ଟଙ୍କାର ରେକର୍ଡ ବ୍ୟୟବରାଦ
- ସଂଯୋଗବିହୀନ, ଆକାଂକ୍ଷୀ ଏବଂ ଆଦିବାସୀ ଅଞ୍ଚଳକୁ ଗୁରୁତ୍ୱ ଦେଇ ୧୯,୦୦୦ କୋଟି ଟଙ୍କାର ୮ଟି ନୂଆ ରେଳ ପ୍ରକଳ୍ପ ଅନୁମୋଦିତ :
  - ବରଗଡ଼ ରୋଡ – ନୂଆପଡ଼ା ରୋଡ (୧୩୮ କିମି) ନୂଆ ଲାଇନ
  - ସରଡେଗା – ଭାଲୁମୁଡ଼ା (୩୭ କିମି) ନୂଆ ଦୋହରା ଲାଇନ
  - ଗୁଣୁପୁର - ଥେରୁବାଲି (୭୩.୬ କିମି) ନୂଆ ଲାଇନ
  - ଜୁନାଗଡ଼ - ନବରଙ୍ଗପୁର (୧୧୬.୨ କିମି) ନୂଆ ଲାଇନ
  - ବାଦାମପାହାଡ଼ - କେନ୍ଦୁଝରଗଡ଼ (୮୨.୦୬ କିମି) ନୂଆ ଲାଇନ
  - ବାଙ୍ଗିରିପୋଷି - ଗୋରୁମହିଷାଣୀ (୮୫.୬ କିମି) ନୂଆ ଲାଇନ
  - ମାଲକାନଗିରି – ପାଣ୍ଡୁରଙ୍ଗାପୁରମ ଭାୟା ଭଦ୍ରାଚଳମ (୧୭୩.୬ କିମି) ନୂଆ ଲାଇନ
  - ବୁରାମରା – ଚକୁଲିଆ (୬୦ କିମି) ନୂଆ ଲାଇନ
- ଓଡ଼ିଶାର ରେଳ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଅଧିକ ୩ଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ ଆରମ୍ଭ :
  - କେନ୍ଦୁଝରଗଡ଼ ଦେଇ ବ୍ରହ୍ମପୁର-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସ୍
  - ରାଉରକେଲା-ହାୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍
  - ଓଡ଼ିଶାର ଖଡ଼ିଆଳ ରୋଡ୍, କଣ୍ଟାବାଞ୍ଜି, ଟିଟିଲାଗଡ଼, କେସିଙ୍ଗା ଓ ରାୟଗଡ଼ାକୁ ସଂଯୋଗ କରି ରାୟପୁର-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ୍
- ସଡ଼କ ସଂଯୋଗୀକରଣରେ ଉନ୍ନତି ଓ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ ଜାତୀୟ ରାଜପଥ ବିକାଶ ପ୍ରକଳ୍ପ :
  - ୧୮୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୬ଲେନ ବିଶିଷ୍ଟ ଭୁବନେଶ୍ୱର-ପୁରୀ ରାଜପଥ
  - ୧୦ ହଜାର କୋଟି ଟଙ୍କା ବ୍ୟୟରେ ୨୦୦ କିଲୋମିଟର ଚଣ୍ଡିଖୋଲ-ବଡ଼ବିଲ ରାସ୍ତା
  - ୧୧୦୦ କୋଟି ଟଙ୍କା ବ୍ୟୟରେ ୫୭ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା-ନୟାଗଡ଼ ୫୪ କି.ମି.ରାସ୍ତାକୁ ୪ ଲେନରେ ରୂପାନ୍ତରଣ
  - ୧୦୦୦ କୋଟି ଟଙ୍କା ବ୍ୟୟରେ ୨୬ ନମ୍ବର ରାଜପଥର କେସିଙ୍ଗା-ଜୁନାଗଡ଼ ୪୬ କି.ମି. ରାସ୍ତାକୁ ୪ ଲେନରେ ରୂପାନ୍ତରଣ

OIPR : 15001/13/0182/2425

Information & Public Relations Department, Government of Odisha | CMO_Odisha | CMO Odisha | IPR_Odisha | IPR Odisha | IPR Odisha



# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ସ୍ୱଚ୍ଛତା ହିଁ ସେବା ଛାତ୍ର ଛାତ୍ରୀଙ୍କ ନାରାରେ କମ୍ପି ଉଠିଲା ଆସିକା ବିଜ୍ଞପିତ ଅଞ୍ଚଳ ପରିଷଦ

ଆସିକା (ମହାଭାରତ): ଭାରତ ସରକାର ନିର୍ଦ୍ଦେଶ କ୍ରମେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ପର୍ଯ୍ୟନ୍ତ ସ୍ୱଚ୍ଛତା ହି ସେବା କାର୍ଯ୍ୟକ୍ରମ ଆସିକା ବିଜ୍ଞାପିତ ଅ□ଳ ପରିଷଦ ଦ୍ୱାରା ଆଜିଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଆସିକା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ସ୍କାଉଟ, ଗାଇଡ଼ ଏନ ଏ ସି ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ହରିହର ଉଚ୍ଚ ବିଦ୍ୟାଳୟ ର ଛାତ୍ର ଛାତ୍ରୀ,ସ୍ୱଚ୍ଛ ସାଥି, ସ୍ୱଚ୍ଛ ସୁପରଭାଇଜର, କାଉନସିଲର, ଏନ ଏ ସି କର୍ମଚାରି, ମାନଙ୍କୁ ନେଇ ଏକ ରାଲି ଆସିକା ସହର ପରିକ୍ରମା କରିଥିଲା। ଏହି ରାଲିକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ବିନେତା ସ୍ୱାଇଁ ଉଦଘାଟନ କରିଥିଲା ବେଳେ ଏହି ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବ୍ରେଜ଼, ଉପାଧକ୍ଷା ଉପସ୍ଥିତ ଥିଲେ। ସହର ର ପ୍ରତିଟି ଗଳି, କନ୍ଦି, ସ୍କୁଲ, କଲେଜ,ବଜାର, ବସଷ୍ଟାଣ୍ଡ, ବିଭିନ୍ନ କାର୍ଯ୍ୟାଳୟ ରେ ପହଂଚି ସ୍ୱଚ୍ଛତା ହିଁ ସେବା ମାଧ୍ୟମ ରେ ସଚେତନତା ଏବଂ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାପରେ ଆସିକା ଟାଉନ ହଲ ଠାରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ସଂଯୋଜନା ରେ ସ୍ୱଚ୍ଛତା ହି ସେବା କାର୍ଯ୍ୟକ୍ରମ ର ଉଦଘାଟନ ବିଧାୟକ ସରୋଜ କୁମାର ପାଢ଼ୀ କରିଥିଲା ବେଳେ ଅନ୍ୟ ଉପସ୍ଥିତ ଅତିଥିଭାବେ ଆସିକା ବିଡ଼ିଓ ଫକୀର ଚରଣ ପରିଡା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ଉପ ଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ ମହାପାତ୍ର, ଏନ ଏ ସି ଅଧକ୍ଷ ବିନେତା ସ୍ୱାଇଁ, ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପଟନାୟକ,ଏନ ଏ ସି ଉପାଧକ୍ଷା,ସିଡିପିଓ ଇନ୍ଦିରା ମହାପାତ୍ର ଙ୍କ ସମେତ ବହୁ ସହର ବାସୀ ଉପସ୍ଥିତ ଥିଲେ। ନିଜ ଘର, ପରିବେଶ, ସାହି, ବାରି ବଗିଚା ଏବଂ ଗୋଷ୍ଠିକୁ ପରିଷ୍କାର ପରିଛନ୍ନତା ରକ୍ଷା କରିବା ଦ୍ୱାରା ହିଁ ଆମ ମାନେ ସୁସ୍ଥ ରହିବା ବୋଲି ଏନଏସି ର କାର୍ଯ୍ୟନିର୍ବାହୀ ଅଧିକାରି ଉପସ୍ଥିତ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମ ରେ ଦୀପ୍ତି ମାୟୀ ସାହୁ, ଲକ୍ଷ୍ମୀ ସିଂ, ଶିବ ପ୍ରସାଦ ପ୍ରଧାନ, ଜଗନ୍ନାଥ ବେହେରା, ସ୍ୱଚ୍ଛ ସୁପରଭାଇଜର ନମିତା ଗୌଡ଼, ଜଗନ୍ନାଥ ବେହେରା, ପ୍ରମୁଖ ସହଯୋଗ କରିଥିଲେ ।

## ରାଷ୍ଟ୍ରୀୟ ଶ୍ରମ ଦିବସ ପାଳନ

କେନ୍ଦ୍ରାପଡ଼ା, (ମହାଭାରତ): ପବିତ୍ର ବିଶ୍ୱକର୍ମାଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଶ୍ରମ ଦିବସ ଉପଲକ୍ଷେ କେନ୍ଦ୍ରାପଡା ଭାରତୀୟ ମଜଦୁର ସଂଘ ଜିଲ୍ଲା ସମିତି ଏକ ବୈଠକର ଆୟୋଜନ କରିଥିଲା । ପରମ ପୂଜ୍ୟ ଭାରତ ମାତା, ଦେବ ଶିଳ୍ପୀ ଭଗବାନ ବିଶ୍ୱକର୍ମା ଓ ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠାତା ସ୍ୱର୍ଗତ ଦନ୍ତୋପନ୍ତ ଠେଙ୍ଗଡ଼ୀଙ୍କୁ ଧୂପ, ଦୀପ, ପୁଷ୍ପ ଅର୍ପଣ କରାଯାଇ ବୈଠକ ଆରମ୍ଭ କରାଯାଇଥିଲା । ଜିଲ୍ଲା ସଭାପତି ପ୍ରଭାତ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଭାରତୀୟ ମଜଦୁର ସଂଘ ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଆଲୋଚନା କରାଯିବା ସହିତ, କେନ୍ଦ୍ରାପଡା ଶ୍ରମ କାର୍ଯ୍ୟାଳୟର ନିର୍ମାଣ ଶ୍ରମିକମାନଙ୍କ ହୀତାଧିକାରୀ ପାଣ୍ଠି ପ୍ରଦାନରେ ଅବହେଳା ତଥା ମନମୁଖୀ କାର୍ଯ୍ୟକଳାପ ସମ୍ବନ୍ଧୀୟ ଆଲୋଚନା କରାଯାଇଥିଲା । ନିର୍ମାଣ ଶ୍ରମିକଙ୍କ ହିତାଧିକାରୀ ପାଣ୍ଠି ତୁରନ୍ତ ପ୍ରଦାନ କରାନଗଲେ ଭାରତୀୟ ମଜଦୁର ସଂଘ ଆନ୍ଦୋଳନ କରିବ ବୋଲି ନିଷ୍ପତ୍ତି ନିଆଗଲା । ଜିଲ୍ଲା ସମ୍ପାଦକ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ଦ୍ୱାରା ଆୟୋଜିତ ଏହି ବୈଠକରେ କେନ୍ଦ୍ରାପଡା ଅଙ୍ଗନୱାଡି ସଂଘର ସମ୍ପାଦିକା ପୁଷ୍ପଲତା ରଥ, ନିଖିଳ ଓଡିଶା ବିଦ୍ୟୁତ ମହାସଂଘର କେନ୍ଦ୍ରାପଡା ପ୍ରମୁଖ ଶାନ୍ତନୁ ମଲ୍ଲିକ, ହଟକେଶ୍ୱର ମଜଦୁର ସଂଘର ଦୀପୁଭାଇ, ଭାରତୀୟ ମଜଦୁର ସଂଘର ଉପ ସଭାପତି କିଶୋରଚନ୍ଦ୍ର ରାଉତ ଓ କାହ୍ନୁ ଚରଣ ବେହେରା, ସହସମ୍ପାଦକ ପ୍ରଦୀପ୍ତ ରାଉତ, ମାର୍ଶାଘାଇ ବ୍ଲକ ସଭାପତି ଫକିର ଚରଣ ବାରିକ, କେନ୍ଦ୍ରାପଡା ବ୍ଲକ ସଭାପତି ଅରୁଣ କୁମାର ଜେନା, ଡେରାବିଶ ସଭାପତି ପ୍ରସନ୍ନ କୁମାର ଦାଶ, ସମ୍ପାଦକ ଗିରିଶ ଚନ୍ଦ୍ର ସାହୁ, ମହାକାଳପଡା ସଭାନେତ୍ରୀ ମଧୁସ୍ମିତା ନାୟକ, ଗରଦପୁର ସଭାପତି ଅକ୍ଷୟ କୁମାର ଜେନା ପ୍ରମୁଖଙ୍କ ସହିତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ସୁଭଦ୍ରା ଯୋଜନାର ଶୁଭାରମ୍ଭର ସିଧା ପ୍ରସାରଣ

ବେଗୁନିଆ,(ମହାଭାରତ): ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୁବନେଶ୍ୱରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ଏଲଇଡି ମାଧ୍ୟମରେ ସିଧା ପ୍ରସାରଣ ପ୍ରଦର୍ଶନ ହୋଇଥିଲା। କାର୍ଯ୍ୟକ୍ରମର ପ୍ରରମ୍ଭରେ ବିଡ଼ିଓ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ପୌରୋହିତ୍ୟ ଆକାଉଣ୍ଟ ଅଫିସର ସୂର୍ଯ୍ୟ ନାରାୟଣ ଗୌଡ଼ଙ୍କ ସଂଯୋଜନାରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ତହସିଲଦାର ତାପସ ବିଶି, ସରପଂଚ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଧାୟକ ଶ୍ରୀଯୁକ୍ତ ସାହୁ କହିଥିଲେ ଯେ ପାଞ୍ଚ ବର୍ଷ ଭିତରେ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ମଧ୍ୟରୁ ବର୍ଷକୁ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ସିଧା ସଳଖ ଆକାଉ□କୁ ପ୍ରଦାନ କରାଯିବ । ଯାହାକି ମହିଳାମାନଙ୍କୁ ଆତ୍ମ ନିର୍ଭରଶୀଳ ନାମରେ ସରକାର ୫୦ ହଜାର ଟଙ୍କାର ଆଳ ଦେଖାଇ ଚକମା ଦେଇଛନ୍ତି ବୋଲି ସିଧା ସଳଖ ଭାବେ କହିଛନ୍ତ।

## କୋଶଳି ଅସ୍ମିତା ରଥ କୁ ଖଡ଼ିଆଳ ରେ ସ୍ୱାଗତ : ପଥପ୍ରାନ୍ତ ସଭା କୋଶଳି ଭାଷାକୁ ଶୀଘ୍ର ସାମ୍ବିଧାନିକ ମାନ୍ୟତା ଦାବୀ

ଖଡ଼ିଆଳ:(ମହାଭାରତ) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଶେଲ୍ଫି ପଏଣ୍ଟ ଠାରେ କୋଷଲି ଭାଷାକୁ ଶୀଘ୍ର ସାମ୍ବିଧାନିକ ମାନ୍ୟତା ଦାବି ନେଇ ପରିକ୍ରମା କରୁଥିବା କୋଶଳ ଅସ୍ମିତା ରଥକୁ ଭବ୍ୟ ସ୍ୱାଗତ କରାଯାଇ ସେଲଫି ପଏଣ୍ଟ ଠାରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା । ଏହି ସଭା ରେ କୋଶଳି ଭାଷାକୁ ଭାରତୀୟ ସମ୍ବିଧାନ ଅଷ୍ଟମ ପରିଚ୍ଛେଦରେ ମାନ୍ୟତା ଦେବାରେ ଅଯଥା ବିଳମ୍ବ ଯୋଗୁଁ ଓଡିଶାର ଶିଶୁମାନେ ପ୍ରାଥମିକ ସ୍ତରରେ ନିଜ ମାତୃ ଭାଷାରେ ଶିକ୍ଷା ପାଇ ପାରୁନାହାନ୍ତି । ଫଳରେ ସେମାନଙ୍କର ବୌଦ୍ଧିକ ବିକାଶ ହୋଇପାରୁନାହିଁ । ଏ ଅଂଚଳରୁ ଅପାଠୁଆ ତଥା ଅଧାରୁ ପାଠ ଛାଡୁଥିବା ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଦୃତଗତିରେ ବଢି ଯାଉଛି । ଯାହାକି ଭାରତ ମଧ୍ୟରେ ଓଡିଶା ରାଜ୍ୟ ରେ ଶତକଡା ୨୭.୨୯ ସର୍ବାଧିକ ଓ ଅତ୍ୟନ୍ତ ଉଦ୍ବେଗ ଜନକ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଖଡ଼ିଆଳ ଠାରେ ଆୟୋଜିତ ସଭାରେ କୋଶଳୀ ଭାଷା କୁ ସାମ୍ବିଧାନିକ ମାନ୍ୟତା ଦିଆଯାଉ, ପ୍ରାଥମିକ ସ୍ତରରେ ପଶ୍ଚିମ ଓଡ଼ିଶା ର ଶିଶୁ ମାନଙ୍କୁ କେନ୍ଦ୍ର ସରକାର ଙ୍କ ୨୦୨୦ ଶିକ୍ଷା ନୀତି ମତେ ସେମାନଙ୍କୁ ମାତୃଭାଷା ରେ ଶିକ୍ଷା




ପ୍ରଦାନ କରାଯାଉ, କୋଶଳୀ ଭାଷାକୁ ଓଡ଼ିଶା ର ଦ୍ୱିତୀୟ ସରକାରୀ ଭାଷା ଭାବେ ଗ୍ରହଣ କରାଯାଉ, ପଶ୍ଚିମ ଓଡ଼ିଶା ର ଉଚ୍ଚ ସାଂସ୍କୃତିକ ପରମ୍ପରା ସମ୍ପତ୍ତ ବରୁଆ ତତ୍ ଯୁକ୍ତ ଗ୍ରାମୀଣ ଯାନିଯାତ୍ରା ଯାହା ଯୋଗତ୍ ବିଶିଷ୍ଟ ତାହାର ସୁରକ୍ଷା ଓ ସମୃଦ୍ଧି କରାଯାଉ ଏବଂ ଆଗାମୀ ଜନ ଗଣନା ବେଳେ ପଶ୍ଚିମ ଓଡ଼ିଶା ର ସମସ୍ତ ଭାଇ ଭଉଣୀ ନିଜ ମାତୃଭାଷା କୋଶଳୀ ବୋଲି କହିବା କୁ ବକ୍ତା ମାନେ ନିବେଦନ କରିଥିଲେ । ଉକ୍ତ ସଭା ରେ କୋଶଳ ସାହିତ୍ୟ ସଂସ୍କୃତି ଏକାଡେମୀ ର ସାଧାରଣ ସମ୍ପାଦକ ବରିଷ୍ଠ ଏଡ୍ ଭୋକେଟ ତଥା ସାମ୍ବାଦିକ ଗୋରେଖନାଥ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଡ଼ାକ୍ତର ସିଦ୍ଧାର୍ଥ ଶଙ୍କର ମହାପାତ୍ର, ଶିକ୍ଷକ ଗୌତମ ପ୍ରସାଦ ମୁଣ୍ଡ, ସମାଜସେବୀ ରଣଜିତ୍ ସିଂ ମହାରଥୀ, ଅଧାପକ ରମାକାନ୍ତ ସିଂ ସାହାଣୀ, ପ୍ରଖ୍ୟାତ ଭାଷାବିଦ ସ୍ୱର୍ଗତ ପ୍ରାୟଗଦ□ ଯୋଶୀ ଙ୍କ ଝିଅ ପ୍ରଭାସିନୀ ଯୋଶୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଏକାଡେମୀ ର ସାଂସ୍କୃତିକ ସଂପାଦକ ଚଳଚ୍ଚିତ୍ର ନିର୍ଦ୍ଦେଶକ ସରୋଜ କୁମାର ଭୂୟାଁ ଏବଂ ଯୁଗ୍ମ ସଂପାଦକ ଭାଷାବିଦ ସାକେତ ଶ୍ରିଭୂଷଣ ସାହୁ ସଭାକୁ ସୁଚାରୁ ରୂପେ ସଂଯୋଜନା କରିଥିବା ବେଳେ ଶେଷ ରେ ନୂଆପଡ଼ା ଜିଲ୍ଲା ସାମ୍ବାଦିକ ସଂଘ ର ସମ୍ପାଦକ ଦେବାନନ୍ଦ ତାଣ୍ଡି ଧନ୍ୟବାଦ୍ ଜ୍ଞାପନ କରି ସଭା ସାଙ୍ଗ କରିଥିଲେ ।ଏହି ରଥ ପଶ୍ଚିମ ଓଡିଶାର ୧୦ଟି ଜିଲ୍ଲା ମଧ୍ୟରେ ଅତିକ୍ରମ କରିବା ପରେ ସୁବର୍ଣ୍ଣପୁର ଜିଲ୍ଲାର ବୈଦ୍ୟନାଥ ଗ୍ରାମରେ ଥିବା କୋଶଳେଶ୍ୱର ମନ୍ଦିର ଠାରେ ସମାପ୍ତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଏକାଡେମୀ ର ସଦସ୍ୟ ମାନେ କହିଛନ୍ତି।

## କଳାକାର ପାଇଁ ଉଦ୍‌ଘାଟିତ ହେଲା ଆଦିଦେବ ଏ□ରଟେନମେଣ୍ଟ ଆଣ୍ଡ ଏଜୁକେସନ



ପାରାଦୀପ(ମହାଭାରତ): ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ବର୍ଣ୍ଣାଢ୍ୟ ପରିବେଶ ରେ ଭାରତୀୟ ବନ୍ଦର ମଜଦୁର ସଙ୍ଘ ର ମଞ୍ଚରେ ଓଡ଼ିଶାର ଜଣାଶୁଣା ସମାଜସେବୀ ମୀରା ପରିଡାଙ୍କ କରକମଳରେ ଆଦିଦେବ ଏ□ଟେନେମ□ ଆଣ୍ଡ ଏଜୁକେସନ ଉଦଘଘାଟିତ ହୋଇଯାଇଛି କଳା ଓ କଳାକାର ଙ୍କ ଉନ୍ନତି ପାଇଁ ଆଗକୁ ଆସିଛନ୍ତି ଯୁବପିଢ଼ି ବଣମଲ୍ଲୀ ବଣରେ ଫୁଟି ମଉଳିଯିବା ଭଳି ଗ୍ରାମାଞ୍ଚଳ ର ଅନେକ ପ୍ରତିଭାଧାରୀ ଯୁବପିଢ଼ି ଆର୍ଥିକ କ୍ଷେତ୍ରରେ ଦୁର୍ବଳ ହେଉ କିମ୍ବା ସୁଯୋଗ ଅଭାବରୁ ନିଜର ଅନ୍ତର୍ନିହିତ ପ୍ରତିଭା କୁ ବିକଶିତ କରିବାରେ ସଫଳ ହୋଇ ପାରୁନାହାନ୍ତି । ଏହିଭଳି ବିରଳ ପ୍ରତିଭା ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା କୁ ବିକଶିତ କରିବା ଲକ୍ଷନେଇ ସୃଷ୍ଟି ହୋଇଛି ଆଦିଦେବ ଏଣ୍ଟରଟେନମେଣ୍ଟ ଆଣ୍ଡ ଏଜୁକେସନ ଆଗାମୀ ଦିନରେ ପାରାଦୀପ ଅଞ୍ଚଳରେ ଅନେକ ସଙ୍ଗୀତ ଶିକ୍ଷାନୁଷ୍ଠାନ ରହିଥିବା ବେଳେ ଆଦିଦେବ ଏଣ୍ଟରଟେନମେଣ୍ଟ ଆଣ୍ଡ ଏଜୁକେସନ ନିଆରା ଲକ୍ଷ ନେଇ ତାର କାର୍ଯ୍ୟକ୍ରମ କରିବ ବୋଲି ଉଦଘାଟନ ଉତ୍ସବ ରେ ଅଧକ୍ଷା ପ୍ରକାଶ କରିବା ସହିତ ସଙ୍ଗୀତ ଶିକ୍ଷାଦାନ ସହିତ ପିଲାମାନେ କିପରି ମଞ୍ଚରେ ନିଜର କଳା ପ୍ରଦର୍ଶିତ କରିବେ ଏବଂ ଓଡ଼ିଶାର କୋଣ ଅନୁକୋଣରେ ଏହି ପ୍ରତିଭା ମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବେ ଏହା ଆଦିଦେବ ରେ ମୂଳଲକ୍ଷ ବୋଲି କହିଛନ୍ତି ପ୍ରତିଷ୍ଠାତା ବନ୍ଦିତା ସୁଭଦର୍ଶିନୀ ପଟ୍ଟନାୟକ ଆଦିଦେବ ଏଣ୍ଟରଟେନମେଣ୍ଟର ଏହି ମହତ ଲକ୍ଷ କୁ ପ୍ରଶଂସା କରିବା ସହିତ ଆଦିଦେବ ଏଣ୍ଟରଟେନମେଣ୍ଟ ଆଣ୍ଡ ଏଜୁକେସନ ର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ ସମାଜସେବି ମୀରା ପରିଡା ଉଦଘାଟନ ପର୍ବ ଶେଷହୋ ପରେ ଅନୁଷ୍ଠାନ ର କଳାକାର ମାନଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଭାରତୀୟ ବନ୍ଦର ମଜଦୁର ସଙ୍ଘର ସଭାପତି ରାକେଶ ପଟ୍ଟନାୟକ ଓ ସମ୍ପାଦକ ତଥା ପାରାଦୀପ ବନ୍ଦର ଶ୍ରମିକ ଟ୍ରଷ୍ଟି ଶ୍ରୀକାନ୍ତ ରାୟ ଉପସ୍ଥିତ ରହିଥିଲେ। ସର୍ବପ୍ରଥମେ ଆଦିଦେବ ପରିବାର ର ପ୍ରତିଷ୍ଠାତା, ଅଧକ୍ଷା ବନ୍ଦିତା ଶୁଭଦର୍ଶିନୀ ପଟ୍ଟନାୟକ ମୁଖ୍ୟ ଅତିଥି ସମାଜସେବି ମୀରା ପରିଡା ଓ ବିଏମଏସ ର ସଭାପତି ରାକେଶ ପଟ୍ଟନାୟକ, ସମ୍ପାଦକ, ବନ୍ଦର ଟ୍ରଷ୍ଟି ଶ୍ରୀକାନ୍ତ ରାୟ ଙ୍କୁ ଫୁଲତୋଡ଼ା,ଉ□ରୀୟ ପିନ୍ଧାଇ ସମ୍ବର୍ଦ୍ଧିତ କରିବା ପରେ ସମାଜସେବି ମୀରା ପରିଡା ଆଦିଦେବ ଏଣ୍ଟରଟେନମେଣ୍ଟ ଆଣ୍ଡ ଏଜୁକେସନ ର ଲୋଗୋ ଓ ବ୍ୟାନର ଉନ୍ମୋଚନ କରିଥିଲେ ଏହି କାର୍ଯ୍ୟକ୍ରମ ରେ ଆଦିଦେବ ପରିବାର ପ୍ରତିଷ୍ଠାତା ବନ୍ଦିତା ସୁଭଦର୍ଶିନୀ ପଟ୍ଟନାୟକ ଙ୍କ ସହିତ ମୁଖ୍ୟ ଉପଦେଷ୍ଟା ଓଡ଼ିଶାର ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ଏସ ଚନ୍ଦ୍ରକାନ୍ତ,ସାଂସ୍କୃତିକ ଉପଦେଷ୍ଟା ବବ୍ରୁ ବାହନ ରାଉତ, ସଭାପତି ବିରଜା ପ୍ରସାଦ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଚନ୍ଦନ ତ୍ରିପାଠୀ,ଉପସଭାପତି ରତ୍ନାକର ସ୍ୱାଇଁ, ସାଧାରଣ ସମ୍ପାଦକ ଭୀମସେନ ବଳ, ସହ ସମ୍ପାଦକ ସୁଧାଂଶୁ ନାୟକ, ଯୁଗ୍ମ ସମ୍ପାଦକ ସନ୍ତୋଷ ଭାରତୀ ଏବଂ ଆଇନ ଉପଦେଷ୍ଟା ରବୀନ୍ଦ୍ର ଜେନା ଉପସ୍ଥିତ ରହିଥିଲେ ।

## ପାଟଣାଗଡ଼ ଅଞ୍ଚଳରେ ହାତୀ ପଲ: ଚାଷକୁ ନଷ୍ଟ କରିଛନ୍ତି



ପାଟଣାଗଡ଼ ( ମହାଭାରତ ) ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ପାଟଣାଗଡ଼ ରେଞ୍ଜ ରେ ହାତୀ ଉପଦ୍ରବ ପାଟଣାଗଡ଼ ଉପଖଣ୍ଡ ର ଆମଦର୍ହ , ସେମେଲମୁଣ୍ଡା, ଦନ୍ଦ୍ରାବାହାଲ ,ଅଞ୍ଚଳରେ ହାତୀ ଙ୍କ ଉତ୍ପାତ ଯୋଗୁଁ ବହୁ ଚାଷୀଙ୍କ ବହୁ ଚାଷ ନଷ୍ଟ ହୋଇ ଥିବା ଦେଖିବାକୁ ମିଳିଛି । ସଇତଲା ରେଞ୍ଜ ପାଖ ଜଙ୍ଗଲ ଉଷ୍ଟାଲି ଗୁଦ୍ରାମୁଣ୍ଡା ଜଙ୍ଗଲ ଆଡୁ ବହୁ ହାତୀ ପଲ ଆସି ପାଟଣାଗଡ଼ ରେଞ୍ଜ ସେମେଲମୁଣ୍ଡା ଗ୍ରାମର ଜଣେ ଚାଷିଙ୍କ ଜମିରେ ଧାନ ଚାଷ ,କପା ଚାଷ ନଷ୍ଟ କରିଥିବା ଦେଖିବାକୁ ମିଳିଥିବା ବେଳେ ହାତୀ ଗୁଡ଼ିକ ଚାଷିଙ୍କ ଜମିରେ ଥିବା ବୋରୱେଲ ଓ ବିଦ୍ୟୁତ ଖୁଣ୍ଟ କୁ ମଧ ତାଡ଼ି ପକାଇ ଥିଲେ। ଏଥିରେ ବ୍ୟାପକ ବିଭିନ୍ନ ପ୍ରକାର ଚାଷ ତଥା ଧାନ, କପା ଇତ୍ୟାଦି ଫସଲ ନଷ୍ଟ ହୋଇଥିବା ବେଳେ ଚାଷି କ୍ଷତି ପୂରଣ ଦାବି ଆଶାରେ କରିଛନ୍ତି ।ଫରେଷ୍ଟର ଙ୍କ ସମେତ ବିଭାଗିୟ ବନ କର୍ମଚାରି ପହଞ୍ଚି କ୍ଷୟକ୍ଷତି ଘଟିଥିବା ଚାଷି ଙ୍କ ସହ ଆଲୋଚନା କରିଥିଲେ ଅନ୍ୟ ପଟେ ଅଞ୍ଚଳ ରେ ବହୁ ଦିନରୁ ଏହି ହାତୀ ପଲ ଏହି ଅଞ୍ଚଳ ର ଜଙ୍ଗଲରେ ରହୁଥିବା ବେଳେ ଏକ ପ୍ରକାର ଭୟ ଲୋକ ଙ୍କ ମନରେ ଥିବା ଦେଖିବାକୁ ମିଳିଛି।

## ଗଞ୍ଜାମ ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ଆସିକା ବିଧାୟକଙ୍କ ବିରୋଧରେ ବିଶାଳ ଶୋଭାଯାତ୍ରା

ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା ସରପ□ ସଂଘ ପକ୍ଷରୁ ଆସିକା ବିଧାୟକଙ୍କ ବିରୋଧରେ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଆସିକା ଓ ଏସ ଆର ଟି ସି ବସଷ୍ଟା□ରୁ ବାହାରି ସହର ପରିକ୍ରମ ପରେ ଆସିକା ତହସିଲ ଠାରେ ପହଞ୍ଚି ବିଧାୟକଙ୍କ କୁଷପୁତଳିକା ଦାହ ସହ ବିଧାୟକଙ୍କ ବିରୁଦ୍ଧରେ ରାଷ୍ଟ୍ରପତି ରାଜ୍ୟ ପାଳଙ୍କ ବିରୁଦ୍ଧରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଚଳିତ ବିଧାନସଭା ସମ୍ମୁଖରେ ଆସିକା ନିର୍ବାଚନ ମଣ୍ଡଳିର ଆସିକା ବ୍ଲକର ୨୭ ଟି ପଞ୍ଚାୟତରେ ଫଲସ ବିଲ ସହ ଲକ୍ଷ ଲକ୍ଷ ଟଙ୍କାରେ ସରପ□ ମାନେ ଫଲସ ବିଲ କରି ଦୁର୍ନିତି କରିଛନ୍ତି। ସରପଞ୍ଚ ମାନେ ଜେଲ ଯିବେ ଏହି ମନ୍ତବ୍ୟକୁ ବିରୁଦ୍ଧ କରି ପ୍ରତିବାଦ ସଭା ଅନୁଷ୍ଠାନରେ ହୋଇଥିଲା। ଓଡିଆ ସରପ୍ଚ ସଂଘର ବହୁ ରାଜ୍ୟ ସ୍ତରୀୟ କର୍ମକର୍ତ୍ତା ସାଙ୍ଗକୁ ଗଞ୍ଜାମ ଜିଲ୍ଲାର ୨୨ ଟି ବ୍ଲକର ସରପ□ ଯୋଗଦେବା ସହ ଆସିକା ବ୍ଲକ ୨୪ ଟି ପଞ୍ଚାୟତରେ ସରପ□ ଯୋଗଦେଇଥିଲେ।ବିଧାୟକଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗଆନ ଦେଇଥିଲେ। ବିଧାୟକ ନିଜେ ସମସ୍ତ ଆଇନ୍ ସାଙ୍ଗକୁ ସଂସଦିୟ ମର୍ଯ୍ୟଦା ବାହାରେ ସ୍ଥାନୀୟ ଅଫିସର ଲୋକ ପ୍ରତିନିଧି ସାଙ୍ଗକୁ ବିଭିନ୍ନ ଅନୁଷ୍ଠାନ ମୁଖ୍ୟଙ୍କୁ ଦୁର୍ବ୍ୟବହାର, ବାଲିଗୁଡାଦାରଙ୍କୁ ଜବରଦସ୍ତ ଫୋନରେ ଟଙ୍କା ମାଗିବା ଉକ୍ତ ଘଟଣାର ତିବ୍ର ନିନ୍ଦା କରିଥିଲେ। ସେ ଜଣେ ଲୋକ ଦୁର୍ନିତିରେ ଲିପ୍ତ ଥିବାବେଳେ କିଭଳି



ଭାବେ । ସ୍ଥାନୀୟ ସରପଞ୍ଚଙ୍କ ବିରୁଦ୍ଧରେ ଭିତ୍ତିହିନ ମନ୍ତବ୍ୟ ଦେଇ ଅପମାନିତ କରିବା ନେତାଙ୍କୁ ବହୁନେତାୟ ପ୍ରକାଶଥାଉକି ତାଙ୍କ ନାମରେ ବର୍ତ୍ତମାନ ଭିଜିଲେନ୍ସ ତଦନ୍ତ ପାଇଁ ନିର୍ଦ୍ଦେଶ କରିଛନ୍ତି ।ନିକଟରେ କଲେଜ ଛକଠାରେ ବିଜେପି ଜିଲ୍ଲା ଯୁବନେତା ଶ୍ରୀନିବାସ ଭଞ୍ଜ ଙ୍କ ଆକ୍ରମଣ ଘଟଣା ରେ ବିଧାୟକ ଙ୍କ ବିରୁଦ୍ଧରେ କୋଟିନଡ଼ା ଥାନାରେ ଏତଲା ହୋଇଛି। ତୁରନ୍ତ ଏହାର ତଦନ୍ତ କରି ବିଧାୟକ ପଦ ରଦ୍ଦ କରିବାକୁ ସଙ୍ଘ ଦାବୀ କରିଥିଲା। ଆସିକା ପୋଲିସ ପ୍ରଶାସନ ପକ୍ଷରୁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ ମହାପାତ୍ର, ସମେତ ୦୪ ଜଣ ଥାନା ଅଧିକାରୀ ତଥା ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟନାୟକ, କୋଟିନଡ଼ା ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହା, ଶେରଗଡ଼ ଥାନା ଅଧିକାରୀ ସନ୍ଧ୍ୟା ରାଣୀ ସିଂ, ବଡ଼ଗଡ଼ ଥାନା ଅଧିକାରୀ ବୀରେନ୍ଦ୍ର ସିଅ ସମେତ ବହୁ ୦୩ ପ୍ଲାଟୁନ ପୋଲିସ ନିୟୋଜିତ ରହିଥିଲେ ।ଏହି ରାଲିରେ ରାଜ୍ୟ ସମ୍ପାଦକ ତପନ କୁମାର ଚକ୍ରବର୍ତ୍ତୀ,ରାଜ୍ୟ ଉପଦେଷ୍ଟା ଶ୍ରୀମା ରଞ୍ଜନ ମିଶ୍ର, ଦକ୍ଷିଣା□ଳ ସଭାପତି ଭବାନୀ ଶଙ୍କର ମଲ୍ଲିକ, ଗଞ୍ଜାମ ସଭାପତି ମନୋରଞ୍ଜନ ଗୌଡ଼, ପୁରୀ ଜିଲ୍ଲା ସଭାପତି ଉପେନ୍ଦ୍ର କାନୁନଗୋ, ଦେଉଗଡ଼ ଜିଲ୍ଲା ସଭାପତି ସତ୍ୟନାରାୟଣ ପାଣି, କଳାହାଣ୍ଡି ଜିଲ୍ଲା ସଭାପତି ସୁବୋଧ କୁମାର ରଣା, ଗଜପତି ଜିଲ୍ଲା ସଭାପତିସଂଘମିତ୍ରା ଶବର, ସମ୍ପାଦକ ଜିଗୋରିଆ ରଇତ,ବଲାଙ୍ଗୀର ଜିଲ୍ଲା ସଭାପତି ବୀରବର ସାହୁ, ଗଞ୍ଜାମ ଜିଲ୍ଲା ସଂଗଠନ ର କାର୍ଯ୍ୟକାରୀ ସଭାପତି କ୍ରାନ୍ତି କୁମାରୀ ଦେବୀ, ଉପସଭାପତି କୃଷ୍ଣ ବରାଳ, ମିନତୀ ସେଠି, କୋଷାଧକ୍ଷ ନୀଳାଞ୍ଚଳ ଗୌଡ଼, ଉପଦେଷ୍ଟା ଅନିଲ କୁମାର ପାଠୀ, କୃଷ୍ଣ ରାଓ ସୁବୁଦ୍ଧି ଙ୍କ ସମେତ ଗଞ୍ଜାମ ଜିଲ୍ଲା ୨୨ବ୍ଲକର ସରପ□ ଓ ଆସିକା ବ୍ଲକର ୨୭ ଟି ପଞ୍ଚାୟତ ର ସରପଞ୍ଚ ଓ ସମିତି ଏହି ପଦଯାତ୍ରାରେ ଉପସ୍ଥିତ ଥିଲେ।

## ଆସିକା ଟାଉନହଲ ଠାରେ ଭରଚୁଆଳ ମୋଡରେ ଉଦଘାଟନ ହେଲା ସୁଭଦ୍ରା ଯୋଜନା

ଆସିକା(ମହାଭାରତ):ଆସିକା ଟାଉନହଲ ଠାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭରଚୁଆଲ ମୋଡରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏହି ଅସରରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ,ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିଡ଼ିଓ ଫକୀର ଚରଣ ପରିଡା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ଥାନା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ ,ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ, ଉପାଧକ୍ଷା ଜୟନ୍ତୀ ବିଷୋୟୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ସିଡିପିଓ ଇନ୍ଦିରା ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ଶତପଥୀ, କନିଷ୍ଠ ଯନ୍ତ୍ରୀ ଅଶୋକ ସେନାପତି,ପ୍ରମୁଖ ଉପସ୍ଥିତ




ରହିଥିଲେ। ପ୍ରକାଶ ଥାଉକି ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ର ୨୧ ବର୍ଷ ରୁ ୬୦ ବର୍ଷ ରୁ କମ ମହିଳା ହିତାଧିକାରୀ ମାନଙ୍କ ବ୍ୟାଙ୍କ ଜମା ଖାତା କୁ ବର୍ଷକୁ ଦୁଇଥର ୫ହଜାର ଲେଖାଏଁ ୧୦ ହଜାର ଟଙ୍କା ହିସାବରେ ୦୫ ବର୍ଷ ମଧ୍ୟରେ ମୋଟ ୫୦ ହଜାର ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଆସିକା ବ୍ଲକ ୨୭ ପଂଚାୟତ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ୧୮ ଗୋଟି ୱାର୍ଡ ରେ ବର୍ତମାନ ସୁଦ୍ଧା ପ୍ରାୟ ୭୦ ହଜାର ସୁଭଦ୍ରା ଫର୍ମ ଆବେଦନ କରାଯାଇଛି ।ଏହି ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଥମ କିସ୍ତିରେ ବ୍ଲକ ଏବଂ ଏନ ଏ ସି ର ଅନେକ ମହିଳା ଙ୍କ ଜମା ଖାତାକୁ ୦୫ ହଜାର ଟଙ୍କା ପଠାଯିବା ବ୍ୟବସ୍ଥା ରାଜ୍ୟ ସରକାର ପକ୍ଷରୁ କରାଯାଇଛି । ପ୍ରଧାନମନ୍ତ୍ରୀ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହି ଆର୍ଥିକ ସହାୟତା ପ୍ରଦାନ କରିବା ଆରମ୍ଭ କରିଛନ୍ତି। ସରକାରଙ୍କ ପକ୍ଷରୁ ଆବେଦନ ର ଅବଧି କିଛି ନାହିଁ ସେଥିପାଇଁ ମହିଳା ମାନେ ବ୍ୟସ୍ତ ହେବା ଆବଶ୍ୟକ ନାହିଁ ବୋଲି ବାରମ୍ବାର ଘୋଷଣା କରାଯାଉଛି । ଏହି କାର୍ଯ୍ୟକ୍ରମ ରେ ବିପିସି ଚନ୍ଦ୍ର ଶେଖର ବେହେରା, ଅଞ୍ଚଳ ପରିଦର୍ଶିକା ଦୀପ୍ତି ଧୋବା, ଗୀତାଞ୍ଜଳି ଗୌଡ଼, କୁମୁଦିନୀ ପାତ୍ର, ସଂଯୁକ୍ତା ପାତ୍ର,ମହାସଙ୍ଘ ର ସଭାପତି,ସମ୍ପାଦକ, ସ୍ୱୟଂ ସହାୟକ ମହିଳା, ଅଙ୍ଗନବାଡ଼ି, ଆଶା କର୍ମୀ, ଏବଂ ସ୍ୱୟଂ ସହାୟକ ଦଳ ସଦସ୍ୟ ଯୋଗ ଦେଇଥିଲେ। ଶେଷରେ ଏନ ଏନଏସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ପ୍ରମୁଖ ଉପସ୍ଥିତ ରହିଥିଲେ ।

## ସୁଭଦ୍ରା ହିତାଧିକାରୀମାନଙ୍କୁ ଡିବିଟି ମାଧ୍ୟମରେ ସହାୟତା ରାଶି ପ୍ରଦାନର ଶୁଭାରମ୍ଭ

କେନ୍ଦ୍ରାପଡା,(ମହାଭାରତ): ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ୭୪ତମ ଜନ୍ମଦିବସରେ ଭୁବନେଶ୍ୱରର ଜନତା ମଇଦାନଠାରେ ସୁଭଦ୍ରା ଯୋଜନାର ଯୋଗ୍ୟ ହିତାଧିକାରୀମାନଙ୍କୁ ଡିବିଟି ମାଧ୍ୟମରେ ସହାୟତା ରାଶି ପ୍ରଦାନର ଶୁଭାରମ୍ଭ କରିଛନ୍ତି । ଆଜି ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରତ୍ୟେକ ବ୍ଲକ ପ୍ରଶାସନ ଓ ପୌରପରିଷଦ ପକ୍ଷରୁ ସିଧା ପ୍ରସାରଣ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା । ସୁଭଦ୍ରା ଯୋଜନାର ଯୋଗ୍ୟ ହିତାଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟାମାନେ କେନ୍ଦ୍ରାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ସଭାରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ସୁଭଦ୍ରା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଏଲ୍‌ଇଡି ମାଧ୍ୟମରେ ଦେଖିଥିଲେ । ବ୍ଲକ ଓ କେନ୍ଦ୍ରାପଡ଼ା ପୌରପରିଷଦ ପକ୍ଷରୁ ଇଚ୍ଛାପୁର ମଉସୀମା ମନ୍ଦିର ନିକଟରେ ମିଳିତ ଭାବେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, କେନ୍ଦ୍ରାପଡ଼ା ବିଡିଓ ବନ୍ଦନା ଖଟୁଆ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, କୁଇନ ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁ, କେନ୍ଦ୍ରାପଡ଼ା ପୌରପରିଷଦ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଏବିଡିଓ ଅନିରୁଦ୍ଧ ବେହେରା, ସିଡିପିଓ କବିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଯୋଜନା ଅଧୀନରେ "ସ୍ୱଚ୍ଛତା ହିଁ ସେବା-୨୦୨୪" କାର୍ଯ୍ୟକ୍ରମରେ




କେନ୍ଦ୍ରାପଡ଼ା ପୌରପରିଷଦ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ଉପସ୍ଥିତ ସମସ୍ତ ହିତାଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟା ଏବଂ ଅନ୍ୟମାନଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ । ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଯୋଜନା ଏକ ଦଶନ୍ଧି ଧରି କାର୍ଯ୍ୟ କରୁଥିବା ବେଳେ ଏହାକୁ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି ଏବଂ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା-୨୦୨୪ କାର୍ଯ୍ୟକ୍ରମ ସାରା ଜିଲ୍ଲାରେ ଚାଲୁ ରହିବ । ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କେନ୍ଦ୍ରାପଡ଼ା ବିଡିଓ ବନ୍ଦନା ଖଟୁଆ ସୁଭଦ୍ରା ଯୋଜନା ସମ୍ପର୍କରେ ନିଜର ମତ ରଖିଥିବା ବେଳେ ଉପଜିଲ୍ଲାପାଳ ଶ୍ରୀ ପ୍ରଧାନ ସୁଭଦ୍ରା ଯୋଜନା ଯୋଗୁଁ ମହିଳାମାନଙ୍କ ସାମଗ୍ରିକ, ବ୍ୟକ୍ତିଗତ ଓ ଅର୍ଥନୈତିକ ବିକାଶ ସମ୍ଭବ ହେବା ସଙ୍ଗେସଙ୍ଗେ ସେମାନେ ସଶକ୍ତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ ।

# ପାରାଦୀପ ଇଏସଆଇ ହସ୍ପିଟାଲ ରେ ନାହାନ୍ତି ଡାକ୍ତର: ରୋଗୀ ହନ୍ତସନ୍ତ



ପାରାଦୀପ(ମହାଭାରତ): ପାରାଦୀପ ବନ୍ଦର କୁ ଭିତ୍ତି କରି ଏଠାରେ ବୃଦ୍ଧି ପାଇଛି ଅନେକ ଶିଳ୍ପାୟନ ଓ ଶ୍ରମିକଙ୍କ ସଂଖ୍ୟା ।ବିଭିନ୍ନ ଶିଳ୍ପସଂସ୍ଥା ରେ କାର୍ଯ୍ୟରତ ଶ୍ରମିକ ଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ କଳକାରଖାନା ରୁ ନିର୍ଗତ ଧୂଳି, ଧୂଆଁ ରେ ବହୁ ଶ୍ରମିକ ଅସୁସ୍ଥ ହେବା ସହ ଅନେକ ବିଭିନ୍ନ ଦୁର୍ଘଟଣାର ଶିକାର ହେଉଛନ୍ତି । ତେବେ ପାରାଦୀପ ସହରରେ ଶ୍ରମିକ ମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ରହିଥିବା ଇଏସଆଇ ହସ୍ପିଟାଲ ରେ ଡାକ୍ତର ନଥିବା ଅଭିଯୋଗ ହେବା ସହ ରୋଗୀ ମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଇଏସଆଇ ହସ୍ପିଟାଲ କୁ ଆସୁଥିବା ରୋଗୀମାନେ ଘଣ୍ଟା ଘଣ୍ଟା ଧରି ଲାଇନ ଲଗାଇ ଠିଆ ହେଉଥିବା ଦେଖିବାକୁ ମିଳିଛି । ଏହି ଇଏସଆଇ ହସ୍ପିଟାଲ ର ଘର ଅତି ସଂକୀର୍ଣ୍ଣ ହୋଇଥିବା କାରଣରୁ ମେଡିକାଲ ରେ କାର୍ଯ୍ୟ କରୁଥିବା ଷ୍ଟାଫଙ୍କ କଥା କଣ କହିବା ଖୋଦ ସ୍ୱାସ୍ଥ୍ୟଅଧିକାରୀ ବାରଣ୍ଡାରେ ଟେବୁଲ ପକାଇ ବସୁଥିବା ଦୃଶ୍ୟ କୁ ଦେଖିଲେ ଏଠିକାର ସ୍ୱାସ୍ଥ୍ୟସେବା ବିଷୟରେ ଅନୁମାନ କରିପାରିବେ । ଏ ନେଇ ଗଣମାଧ୍ୟମ ନିକଟରେ ମଧ୍ୟ ନିଜର ଦୁଃଖ ଜଣାଇଛନ୍ତି ଆଇଏମଓ଼ ଡା.ଦିଲ୍ଲିପ କୁମାର ସାହୁ । ପାରାଦୀପ ରେ ରହିଥିବା ଡିସ୍ପେନସାରୀ କୁ ପରିବର୍ତ୍ତନ କରି ଇଏସଆଇ ହସ୍ପିଟାଲ ନିର୍ମାଣ କରିବାକୁ ଅନେକ ଦିନ ହେବ ପାରାଦୀପ ର ବିଭିନ୍ନ ଶ୍ରମିକ ସଂଗଠନ ଦାବି କରି ଆସୁଥିବା ବେଳେ ସରକାର ଏଥିପ୍ରତି କର୍ଣ୍ଣ ଗୋଚର କରୁନାହାନ୍ତି । ଯାହାର ପରିଣାମ ଭୋଗୁଛନ୍ତି ଇଏସଆଇ ହିତାଧିକାରୀ । ପାରାଦୀପ ଇଏସଆଇ ମେଡିକାଲ ର ଅବ୍ୟବସ୍ଥା ସମ୍ପର୍କରେ ବିଭିନ୍ନ ସମୟରେ ମେଡିକାଲ ରେ ଶ୍ରମିକ ମାନେ ପ୍ରତିବାଦ କରିବା ସହିତ ଅନେକ ସମୟରେ ରୋଗୀ ମାନଙ୍କ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳିଛି । ତେବେ ଏହି ସମସ୍ୟାର ତୁରନ୍ତ ସମାଧାନ ନହେଲେ ବିଭିନ୍ନ ଶ୍ରମିକ ସଙ୍ଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଜଣାପଡିଛି।

# ୬୩ ଲିଟର ମହୁଲି ମଦ ଜବତ: ୩ କୋର୍ଟ ଚାଲାଣ



କରଞ୍ଜିଆ(ମହାଭାରତ) ଠାକୁରମୁଣ୍ଡା ଓ କରଞ୍ଜିଆ ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଭିନ୍ନ ସ୍ଥାନରେ ଚଢ଼ାଉ କରି ୬୩ ଲିଟର ଚୋରା ମହୁଲି ମଦ ଜବତ କରିବା ସହ ଚୋରା ମଦ ବିକ୍ରି କରୁଥିବା ୩ ଜଣକୁ ବିଭାଗ ଗିରଫ ପରେ ବୁଧବାର ଦିନ କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ ଠାକୁରମୁଣ୍ଡା ଅବକାରୀ ଥାନା ଓଆଇସି ଭାରତୀ ନାଏକ,ଏଏସଆଇ ଦିଲ୍ଲିପ ଟୁଡୁ, ଚନ୍ଦ୍ରକାନ୍ତ ମୁଦୁଲି,ସସ୍ମିତା ବେହେରା ଙ୍କ ସମେତ କରଞ୍ଜିଆ ଅବକାରୀ ପୋଲିସ ମିଳିତ ଭାବରେ ଠାକୁରମୁଣ୍ଡା ଥାନା ଖଣ୍ଡବନ୍ଧ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଇପଦା ଗ୍ରାମରେ ଚଢ଼ାଉ କରି ଚୋରରେ ମହୁଲି ମଦ ରଖି ବିକ୍ରି କରୁଥିବା ଶ୍ରୀକାନ୍ତ ମହାନ୍ତ ଙ୍କ ସ୍ତ୍ରୀ ପ୍ରିୟଙ୍କା ମହାନ୍ତ ଙ୍କୁ ଗିରଫ କରି ତାଙ୍କ ନିକଟରୁ ୧୮ ଲିଟର ମହୁଲି ମଦ କୁ ଜବତ କରିଥିଲେ। ସେହିପରି ମହୁଲଡ଼ିହା ଥାନା ଅନ୍ତର୍ଗତ ମହୁଲଡ଼ିହା ଗ୍ରାମର ଜିତେନ୍ଦ୍ର ଦାସ ନାମକ ଜଣେ ଯୁବକ ଙ୍କ ନିକଟରୁ ୨୫ ଲିଟର ଓ ସାତକୋଶିଆ ଗ୍ରାମର ସିଦିୟୁ ବଦ୍ରା ନାମକ ଯୁବକ ଙ୍କ ନିକଟରୁ ୨୦ ଲିଟର ମହୁଲି ମଦ ଜବତ କରିଥିଲେ। ଘଟଣାରେ ଏହି ୩ ଜଣ ଚୋରା ମହୁଲି ମଦ ବିକ୍ରେତା ଠାକୁରମୁଣ୍ଡା ଅବକାରୀ ଥାନା କେଶ ନମ୍ବର ୧୦୯,୧୧୦,୧୧୧ ଅନୁଯାୟୀ କୋର୍ଟ କୁ ଚାଲାଣ କରିଥିବାର ଜଣାଯାଇଛି ।

# ତୁଷୁରାରେ ଜିଏମଏଫସି କୋର୍ଟ ଉଦଘାଟନ



ଟିଟଲାଗଡ଼( ମହାଭାରତ )ବଲାଙ୍ଗୀର ଜିଲ୍ଲା ତୁଷୁରା ସହର ସ୍ଥିତ ହାଇସ୍କୁଲ ପଡିଆ ପାଖରେ ବୁଧବାର ଜିଏମଏଫସି କୋର୍ଟ ଉଦଘାଟନ ହୋଇ ଯାଇଛି। ହାଇକୋର୍ଟ ଜର୍ଜ ଚକ୍ରଧର ଚରଣ ସିଂ ଭିଡିଓ କନଫରେନ୍ସ ମାଧ୍ୟମରେ ଏହାକୁ ଉଦଘାଟନ କରିଥିଲେ।ବଲାଙ୍ଗୀର ଜିଲ୍ଲା ଜର୍ଜ ପବିତ୍ର ମୋହନସାମଲ, ଜିଲ୍ଲାପାଳ ଗୌରବ ଶିବାଜୀ ଇଶ୍ୱରଓ୍ୱାର, ଏସପି ରିଷିକେଶ ଖିଲାରି, ଜିଲା ବାର ଆସୋସିଏସନର ସଭାପତି ଅମରେଶ ତ୍ରିପାଠୀ ଆଦି ବହୁ ଓକିଲ ଉପସ୍ଥିତ ଥିଲେ । ଭିଡିଓ କନଫରେନ୍ସ ମାଧ୍ୟମରେ ହାଇକୋର୍ଟ ଜର୍ଜ ଶ୍ରୀ ସିଂ ଉପସ୍ଥିତ ଓକିଲ, ଜନପ୍ରତିନିଧି, ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ବହୁ ଦିନର ଦାବୀ ପୂରଣ ହୋଇ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।

# ଟାଟା ଷ୍ଟିଲ୍ର ଖଣ୍ଡବନ୍ଧ ଖଣିକୁ ଫିମି ପକ୍ଷରୁ 'ଖଣି ଉତ୍କର୍ଷତା' ପୁରସ୍କାର

ଯୋଡ଼ା,: (ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ଭାରତୀୟ ଖଣିଜ ଶିଳ୍ପ ମହାସଂଘ (ଫିମି) ପକ୍ଷରୁ ନୂଆଦିଲ୍ଲୀରେ ବୁଧବାର ଆୟୋଜିତ ଏକ ଭବ୍ୟ ସମାରୋହରେ ଟାଟା ଷ୍ଟିଲ୍ର ଖଣ୍ଡବନ୍ଧ ଲୌହ ଖଣି କୁ 'ଏକ୍ସଲେନ୍ସ ଇନ୍ ମାଇନ' ପୁରସ୍କାର ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସଚିବ ଭି ଏଲ୍ କାନ୍ତାରାଓ ଏହି ପୁରସ୍କାର ପ୍ରଦାନ କରିଛନ୍ତି। କମ୍ପାନି ତରଫରୁ ଟାଟା ଷ୍ଟିଲ୍ ଖଣ୍ଡବନ୍ଧ ଲୌହ ଖଣି ର ଚିଫ ଜି ଭି ସତ୍ୟନାରାୟଣ, କର୍ପୋରେଟ ଆଫେୟାର ଚିଫ ମନିଷ ମିଶ୍ର, ଚିଫ ମାଇନ୍ ପ୍ଲାନିଂ ଅବନୀଶ କୁମାର, ଖଣି ପରିଚାଳନା ଏରିଆ ମ୍ୟାନେଜର ଅଭିଷେକ ସିଂହ ଓ ଖଣ୍ଡବନ୍ଧ ଲୌହ ଖଣି ମଜଦୁର ସଂଘର ସଭାପତି ଏସ ବି ଷଣ୍ଢ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଅତ୍ୟାଧୁନିକ ପ୍ରଯୁକ୍ତି ଓ ଶ୍ରେଷ୍ଠ ଖଣି ଅଭ୍ୟାସ କାର୍ଯ୍ୟକାରୀ କରିବାରେ ଖଣ୍ଡବନ୍ଧ ଖଣି ଶିଳ୍ପରେ ଅଗ୍ରଣୀ ରହିଛି। ପ୍ରଦର୍ଶନରେ ଉତ୍ତମ ମାନଦଣ୍ଡ ହାସଲ କରିବା ଲାଗି ଖଣି ପକ୍ଷରୁ ଉନ୍ନତ ଖଣି ସଫ୍ଟୱେର, ଡ୍ରୋନ୍ ପ୍ରଯୁକ୍ତି, ଫ୍ଲିଟ୍ ପରିଚାଳନା ବ୍ୟବସ୍ଥା, ରିମୋଟ୍-କଂଟ୍ରୋଲ୍ ଡ୍ରିଲ୍ ଓ ବାସ୍ତବ ସମୟ ଗୁଣାତ୍ମକ ମାନ ପରିଚାଳନା ବ୍ୟବସ୍ଥା ଆଦି ଉପଯୋଗ କରାଯାଇଛି। ଏହି ସମ୍ମାନଜନକ ପୁରସ୍କାର ସ୍ଥାୟୀ ଖଣି ଅଭ୍ୟାସ ପ୍ରତି ଟାଟା ଷ୍ଟିଲ୍ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଫିମି ଉତ୍କର୍ଷ ପୁରସ୍କାର ବ୍ୟବସାୟଗୁଡ଼ିକୁ ସେମାନଙ୍କ ପରିଚାଳନାରେ ଅର୍ଥନୈତିକ, ସାମାଜିକ ଓ ପରିବେଶ ସ୍ଥାୟିତ୍ୱ ସମନ୍ୱିତ କରିବାକୁ ଉତ୍ସାହିତ କରୁଛି। ଶ୍ରୀମତୀ ବାଲା ଗୁଲସନ୍ ଟଣ୍ଡନଙ୍କ ସ୍ମୃତିରେ କୋଲ୍ ଇଣ୍ଡିଆ ଲିମିଟେଡ୍ର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ଶ୍ରୀ ଜି ଏଲ୍ ଟଣ୍ଡନ ୨୦୦୪-୦୫ରେ ଏହି ପୁରସ୍କାର ସ୍ଥାପନ କରିଥିଲେ। ଏହି ପୁରସ୍କାର ବ୍ୟବସାୟରେ ଲାଭ ସହିତ




ସାମାଜିକ ଓ ପରିବେଶ କଲ୍ୟାଣ ମଧ୍ୟରେ ସନ୍ତୁଳନ ରକ୍ଷା କରୁଥିବା ମଡେଲ୍କୁ ପ୍ରସାର କରୁଛି। ଦାୟିତ୍ୱବାନ ଖଣି ଓ ଗୋଷ୍ଠୀ ସହଯୋଗିତା ଉପରେ ଟାଟା ଷ୍ଟିଲ୍ର ଗୁରୁତ୍ୱ, ଶିଳ୍ପରେ ମାନଦଣ୍ଡ ନିର୍ଧାରଣ କରିଥିବା ବେଳେ ଦୀର୍ଘସ୍ଥାୟୀ ପ୍ରଭାବ ଓ ସକାରାତ୍ମକ ପରିବର୍ତ୍ତନ ପାଇଁ ଏହାର ଲକ୍ଷ୍ୟକୁ ସୁଦୃଢ଼ କରୁଛି ।ସ୍ଥାନୀୟ ଅଂଶୀଦାରମାନଙ୍କ ସହ ସହଯୋଗିତାରେ ଦୀର୍ଘସ୍ଥାୟୀ ପ୍ରଭାବକୁ ସୁଦୃଢ଼ କରିବା ଲାଗି ଟାଟା ଷ୍ଟିଲ୍ର ଉଦ୍ୟମକୁ ଏହି ପୁରସ୍କାର ଦର୍ଶାଉଛି। ଦାୟିତ୍ୱବାନ ଖଣି ଅଭ୍ୟାସ ଓ ଆଖପାଖ ଲୋକଙ୍କ ଯୋଗଦାନକୁ ପ୍ରାଥମିକତା ଦେଇ ଟାଟା ଷ୍ଟିଲ୍ ଶିଳ୍ପରେ ଉତ୍କର୍ଷର ମାନଦଣ୍ଡ ନିର୍ଧାରଣ କରିବା ଜାରି ରଖିଛି।

# ବିଲୁଆ କାମୁଡା ରେ ୧୦ ରୁ ଊର୍ଦ୍ଧ ଗ୍ରାମବାସୀ ଆହତ

ଅସ୍ତରଙ୍ଗ, ମହାଭାରତ - ଦିନକୁ ଦିନ ବଢିଚାଲିଛି ବିଲୁଆ ଆତଙ୍କ, ଆଗରୁ ବିଲୁଆ ଏକ ଜଙ୍ଗଲୀ ପ୍ରାଣୀ ବୋଲି ଆମେ ଜାଣିଥିଲେ ବି ଏବେ ଜନବସତି ରେ ହା ହା କାର ସୃଷ୍ଟି କରିଛନ୍ତି ଜଙ୍ଗଲୀ ବିଲୁଆ, ଏକୁଟିଆ ନିଛାଟିଆ ରେ ଯଦି କୌଣସି ଲୋକ ଙ୍କୁ ଦେଖୁଛନ୍ତି ତାହେଲେ ଗୋଡ଼ାଇ ଗୋଡ଼ାଇ କାମୁଡୁଛନ୍ତି ଏହି ବିଲୁଆ, ଗତ ୨ ରୁ ୩ ଦିନ ଭିତରେ ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ବଙ୍କୁରୀ, ବନ୍ଦାରି ଓ ନଟରା ଗ୍ରାମ ରେ ୧୦ ରୁ ଉର୍ଦ୍ଧ ଗ୍ରାମବାସୀ ଙ୍କୁ କାମୁଡି ଗୁରୁତ୍ୱର କରିଛନ୍ତି। ଏବେ ଅନେକ ଲୋକ ଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲ ନଥିବାରୁ ଏମାନଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତରିତ କରାଯାଇଛି । କୁହାଯାଉଛି ଯେ ଆଗରୁ ଥିବା ବିସ୍ତିର୍ଣ୍ଣ ଜଙ୍ଗଲ ଏବେ ନଷ୍ଟ ହେବାରେ ଲାଗିଛି, ଚୋରା କାଠ କଟାଯିବା ସହ ବିଭିନ୍ନ ସ୍ଥାନ ରେ କାଠ ମାଫିଆ ଙ୍କ କବଳ ରେ ଜଙ୍ଗଲ ଧ୍ୱଂସ ହେଉଛି ସେଥିପାଇଁ ଏହି ଜଙ୍ଗଲୀ ଜନ୍ତୁ ଖାଦ୍ୟ ଅନେଶ୍ୱଣ ରେ ଜନବସତୀ ମୁହାଁ ହୋଇ ଏଠି ନିଜର ବଂଶ ବିସ୍ତାର କରିଛନ୍ତି। ଆଉ ଯେଉଁ ବ୍ୟକ୍ତି କୁ ଏକୁଟିଆ ଦେଖୁଛନ୍ତି ସେମାନଙ୍କ ଉପରେ ଆକ୍ରମଣ କରୁଛନ୍ତି, ଆହତ ଙ୍କ ମଧ୍ୟ ରେ ସୁଶାନ୍ତ ପ୍ରଧାନ, ଗୋବିନ୍ଦ ପ୍ରଧାନ, ଭାସ୍କର ବିଶ୍ୱାଳ ଓ ଦୁର୍ଯ୍ୟୋଧନ ନାୟକ ପ୍ରଭୃତି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି ଯେ ତୁରନ୍ତ ପ୍ରଶାସନ ଓ ଜଙ୍ଗଲ ବିଭାଗ ଏହି ବିଲୁଆ ଙ୍କୁ ଗ୍ରାମାଞ୍ଚଳ ରୁ ବିତାଡିତ କରନ୍ତୁ, ଏହି ଘଟଣା ପାଇଁ ଅଞ୍ଚଳ ରେ ଅନେକ ଭୟଭୀତ ବାତାବରଣ ସୃଷ୍ଟି ହୋଇଛି ।

# ଘଟଗାଁ କ୍ଷିତିଜ୍ୟୋତିଃ ଆଶ୍ରମରେ ଭାଗବତ ପାରାୟଣ ଉଦ୍‌ଯାପିତ



ପାଟଣା:-(ମହାଭାରତ)ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ ଶାଖା ଆନୁକୁଲ୍ୟରେ ସମାଜ ସଂସ୍କାରକ ଓ ଆଧ୍ୟାତ୍ମିକ ପଥ ପ୍ରଦର୍ଶକ ଠାକୁର ଶ୍ରୀ ଶ୍ରୀ କେଶବ ଚନ୍ଦ୍ରଙ୍କ ୭୦ ତମ ଶୁଭ ଆର୍ବିଭାବ ମହୋତ୍ସବ ଉପଲକ୍ଷେ ଚାଲିଥିବା ଭାଗବତ ପାରାୟଣ ଉଦଯାପିତ ହୋଇଯାଇଛି। ବାବାଜୀ ଚରମାନନ୍ଦ ଦାସଙ୍କ ତ□ାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ବିଷ୍ଣୁ ସହସ୍ର ନାମ, ମଙ୍ଗଳ ଆଳତୀ,ଗୁରୁବନ୍ଦନା,ପ୍ରାର୍ଥନା,ଧ୍ୟାନ, ଚରମଶାସ୍ତ୍ର ପାଠ, ମହାମନ୍ତ୍ର ନାମ ସଙ୍କୀର୍ତ୍ତନ,ଧେନୁ ପୂଜା ଏବଂ ଶ୍ରୀପାଦୁକା ମହାସ୍ନାନ ଓ ଷୋଡ଼ଶ ଉପଚାର ପୂଜା ସହିତ ଦିନ ତମାମ ଭାଗବତ ପାଠ ଚାଲିଥିଲା। ଏକ ସପ୍ତାହ ଧରି ଚାଲିଥିବା ଏହି ପାରାୟଣରେ ରାଜ୍ୟର କୋଣ ଅନୁକୋଣରୁ ବହୁ ସାଧୁସ୍ୟମାନେ ଯୋଗଦେଇ ଉପସ୍ଥିତ ଭାଗବତ ପ୍ରେମୀ ମାନଙ୍କୁ ଭାଗବତର ସାରତ□ ବୁଝାଇଥିଲେ।ୟ ସେମାନଙ୍କ ମଧ୍ୟରେ. ଡଃ. ସ୍ୱାମୀ ଅଦ୍ୱୈତାନନ୍ଦ ମହାରାଜ, ସ୍ୱାମୀ ଶ୍ରୁତି ସାଗର ସରସ୍ୱତୀ, ରାଜ୍ୟ ଭାଗବତ ଟୁଙ୍ଗୀ ପ୍ରଚାର ସମିତି ସଭାପତି ନଂଗୁଳି ବାବା,ଉପସଭାପତି ମନୋଜ ଦାଶ ଓ ରାମକୃଷ୍ଣ ମିଶନର କବିନ୍ଦ୍ର ବିଦ୍ୟାର୍ଥୀ ପ୍ରମୁଖ ପ୍ରବଚକ ଭାବେ ଯୋଗଦେଇଥିଲେ। ଏଥି ସହିତ ଆଶ୍ରମ ପରିସରରେ ଏକ ସାଧୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ନାରାୟଣ ପୁର ବାଲିଆପାଳ ବାଲେଶ୍ୱରର ଗୁରୁସ୍ୱାମୀ ଭାଗବତ ଟୁଙ୍ଗୀରୁ ବାବାଜୀ ପଦ୍ମକୃଷ୍ଣ ଦାସ, ,ଯାଜପୁର ମାଣିତ୍ରୀ ମଠରୁ ହରିହର ଦାସ ଅତିଥି ରୂପେ ସାଧୁ ସମ୍ମିଳନୀରେ ଯୋଗ ଦେଇଥିଲେ।

# ଦଶପଲ୍ଲା ବନାଞ୍ଚଳରେ ଚାରା ଦୁର୍ନୀତି ପ୍ରସଙ୍ଗ : କେତେ ଚାରା ଲାଗିଛି ଗଣତି ହେବ

ଦଶପଲ୍ଲା, ( ମହାଭାରତ ) : ଦଶପଲ୍ଲା ବନାଞ୍ଚଳ ଅଧୀନସ୍ଥ ସାକେଣୀ ସେକ୍ସନର ପୋଇବାଡ଼ି ରେଭିନ୍ୟୁରେ ହୋଇଥିବା ଚାରା ଦୁର୍ନୀତି ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ଏବେ ଗୋଟି ଗୋଟି କରି ସମସ୍ତ ଚାରା ଗଣତି କରାଯିବ ବୋଲି ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ କହିଛନ୍ତି। ପୁଣିଥରେ ଡ୍ରୋନ୍ ସର୍ଭେ କରାଯିବା ବନଖଣ୍ଡ ଅଧିକାରୀଙ୍କ ଏପରି ନିଷ୍ପତ୍ତି ଦୁର୍ନୀତିରେ ସମ୍ପୃକ୍ତ ବନ କର୍ମଚାରୀଙ୍କ ଚିନ୍ତା ବଢ଼ାଇ ଦେଇଛି। ସୂଚନାଯୋଗ୍ୟ ଯେ ସାକେଣୀ ସେକ୍ସନର ପୋଇବାଡ଼ି ରେଭିନ୍ୟୁରେ ୧୦ ହେକ୍ଟର ସ୍ଥାନରେ ୧୬ ହଜାର ଚାରା ରୋପଣ କରାଯାଇଥିବା ନେଇ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ ହୋଇଛି ବୋଲି ଦର୍ଶାଯାଇଛି। ମାତ୍ର ବନକର୍ମଚାରୀଙ୍କ ହଜାର ହଜାର ସଂଖ୍ୟାରେ ଚାରାକୁ ନାଳରେ ଭସାଇ ଦେଇଥିବା ବେଳେ ଏହି ଚାରା ରୋପଣ ହୋଇଛି ଦର୍ଶାଇ ବିଲ୍ କରାଯାଇଛି। ଘଟଣା ସମ୍ପର୍କରେ ଗତ ଅଗଷ୍ଟ ୨୭ ତାରିଖରେ ବିଭିନ୍ନ ଗଣମାଧ୍ୟମରେ ରେ ଖବର ପ୍ରକାଶନ ହୋଇଥିଲା।ଏହାପରେ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀୟ ଜଣେ ଏସିଏଫ୍ଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯିବା ସହ ଡ୍ରୋନ୍ ମାଧ୍ୟମରେ ସର୍ଭେ ହୋଇଥିଲା। ତଦନ୍ତ ବେଳେ ୩ ହଜାର ଚାରା ନିଅଣ୍ଟ ଥିବା ଜଣାପଡ଼ିଛି। ଏସବୁ ଚାରାକୁ ଗତ ୧୨ ତାରିଖ ମଧ୍ୟରେ ଲଗାଇବାକୁ ନିର୍ଦ୍ଦେଶ ହୋଇଥିଲେ ମଧ୍ୟ ଏଯାଏ ଏହି ଚାରା ଲାଗିନି। କାଁ ଭାଁ କିଛି ଚାରାରୋପଣ କରାଯାଇଛି। ଏସମ୍ପର୍କରେ ଡିଏଫଓ କ୍ଷମା ଷଡ଼ଙ୍ଗୀ କହିଛନ୍ତି ଯେ ତଦନ୍ତ ବେଳେ ଜଣାପଡ଼ିଛି ନିୟମକୁ ଉଲଂଘନ କରି ଏକ ଘରୋଇ ଜମିରେ ଚାରାରୋପଣ କରି ସରକାରୀ ଅର୍ଥକୁ ବନ କର୍ମଚାରୀ ମାନେ ହେର୍ଫେର କରିଛନ୍ତି। ଏହି ଚାରା ଦୁର୍ନୀତି ଘଟଣା ବନକର୍ମଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିବା ବେଳେ ସେକ୍ସନ୍ର ବନରକ୍ଷୀ ଏବେ ଲମ୍ବା ଛୁଟିରେ ରହିଛନ୍ତି। ବନପାଳ ମଧ୍ୟ ଛୁଟିରେ ଯିବାକୁ ଆବେଦନ କରିଛନ୍ତି ମାତ୍ର ତଦନ୍ତ ଚାଲିଥିବାରୁ ତାଙ୍କ ଛୁଟି ନାମଞ୍ଜୁର କରାଯାଇଥିବା ଡିଏଫ୍ଓ କ୍ଷମା ଷଡ଼ଙ୍ଗୀ କହିଛନ୍ତି। ପରିସ୍ଥିତି ଏଭଳି ହୋଇଛି ଯେ ଉକ୍ତ ସେକ୍ସନ କାର୍ଯ୍ୟାଳୟ ଗତ କିଛିଦିନ ଧରି ଖାଁ ଖାଁ ପାଲଟିଛି। ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରାଗଲେ ଅନେକ ରହସ୍ୟ ସାମ୍ନାକୁ ଆସି ପାରିବ ବୋଲି ବୁଦ୍ଧିଜିବୀ ମହଲରେ ଦାବି ହେଉଛି।

# ୯ ଘଣ୍ଟା ପରେ କେନାଲ ରେ ଭାସି ଯାଇଥିବା ମହିଳା ଙ୍କ ମୃତଦେହ ଉଦ୍ଧାର

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅନ୍ତର୍ଗତ ବୁଢ଼ାପଙ୍କ ଗ୍ରାମ ପଞ୍ଚାୟତ ର କେନାଲ ରେ ଗାଧୋଇଲା ବେଳେ ଭାସି ଯାଇଥିଲେ ମହିଳାୟ ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ ମହିଳା ଜଣଙ୍କ ହେଲେ ବୁଢ଼ାପଙ୍କ ଗ୍ରାମ ର ଗଡ଼ ସାହି ବାସିନ୍ଦା ଅଶୋକ ସାମଲ ଙ୍କ ୨୨ ବର୍ଷୀୟ ସ୍ତ୍ରୀ ପୂର୍ଣ୍ଣିମା ସାମଲ। ପରିବାରବର୍ଗ ଙ୍କ ସୂଚନା ମୁତାବକ ପରିବାର ର ୫ ଜଣ ସଦସ୍ୟ ଖୁଡୀ, ଯାଆ,ଅପା,ଓ ଭାଣିଜୀ ଙ୍କ ସହ ସକାଳ ପ୍ରାୟ ୫.୩୦ ଗାଧୋଇବା ବେଳେ ଭାରସାମ୍ୟ ହରାଇ ପାଣି ସ୍ରୋତରେ ଭାଷୀ ଯାଇଥିଲେ। ସମ୍ପର୍କୀୟ ଉଦ୍ଧାର ପାଇଁ ନିଜ୍ ଲୁଗା ପକାଇ ଚେଷ୍ଟା କରିବା ବେଳେ ସଫଳ ହୋଇ ପାରିନଥିଲେ । ଗ୍ରାମବାସୀ ଗ୍ରାମରେ ଥିବା ଦମକଳବାହିନୀ ଙ୍କୁ ଖବର ଦେବା ପରେ ଦମକଳବାହିନୀ ଆସି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବାବେଳେ ବଅଁରପାଳ ପୋଲିସ, ତହସିଲଦାର, ଆର ଆଇ, ଓ ଜିଲ୍ଲା ଦମକଳବାହିନୀ ଅଧିକାରୀ ପହଞ୍ଚିଛନ୍ତି। ତେବେ ଢେଙ୍କାନାଳ ରୁ ଓଡ୍ରାଫ ଟିମ୍ ଦିନ ୧୧.୩୦ ମିନିଟ ସମୟରେ ଆସି ଘଟଣାସ୍ଥଳରେ ପହଞ୍ଚି ବଅଁରପାଳ ଦମକଳବାହିନୀଙ୍କ ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ତିନିଘଣ୍ଟା ପରେ ଓଡ୍ରାଫ ଟିମ୍ ଘଟଣାସ୍ଥଳରୁ ତିନି ସହ ମିଟର ଦୂରରେ ମୃତଦେହ ଠାବ କରି ଉଦ୍ଧାର କରିଥିଲେ। ମୃତଦେହ ଉଦ୍ଧାର ପରେ ଗ୍ରାମରେ ଶୋକାକୁଳ ପରିବେଶ ଖେଳି ଯାଇଥିଲା। ମୃତଦେହ କୁ ବଅଁରପାଳ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରାଇଛନ୍ତି।

# କପ୍ତିପଦା ଉପଖଣ୍ଡରେ ସୁଭଦ୍ରା ଯୋଜନାର ଶୁଭ-ଉଦ୍‌ଘାଟନ

ଉଦଳା-ମହାଭାରତ : ମହିଳା ସଶକ୍ତିକରଣ ଉଦ୍ଦେଶ୍ୟରେ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ସମଗ୍ର ରାଜ୍ୟରେ ସମର୍ପିତ ହେବାକୁ ଥିବା ସୁଭଦ୍ରା ଯୋଜନା ଆଜି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ କପ୍ତିପଦା ଉପଖଣ୍ଡର ୪ ଗୋଟି ବ୍ଲକ୍ ଉଦଳା, କପ୍ତିପଦା, ଗୋପବନ୍ଧୁନଗର, ଖୁଣ୍ଟା ଏବଂ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦପାଇଁ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଉଦଳା ଏନ୍.ଏ.ସି.ର କାର୍ଯ୍ୟକ୍ରମ ଉଦଳା ବ୍ଲକ୍ ସହିତ ଅନୁଷ୍ଠିତ ହୋଇଥିଲା । ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢେଇ ସର୍ବପ୍ରଥମେ କପ୍ତିପଦା ବ୍ଲକ୍ ପାଇଁ କପ୍ତିପଦା ହାଇସ୍କୁଲ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଦ୍ୱିତୀୟ କାର୍ଯ୍ୟକ୍ରମ ଭାବେ ଉଦଳା ବ୍ଲକ୍ ପାଇଁ ଉଦଳା ହାଇସ୍କୁଲ ପଡ଼ିଆ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସର୍ବଶେଷରେ ଗୋପବନ୍ଧୁନଗର ବ୍ଲକ୍ ତରଫରୁ ବଡ଼ଖୁଣ୍ଟା କ୍ରିକେଟ୍ ପଡ଼ିଆ ଠାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀଙ୍କ ସୁଭଦ୍ରା ଯୋଜନା ଉଦ୍ଘାଟନ କାର୍ଯ୍ୟକ୍ରମରେ ସାମିଲ ହେବା ସହିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସରିବା ପରେ ଘରେ ଘରେ ସୁଭଦ୍ରା ଯୋଜନା ପହଞ୍ଚାଇବା ଉଦ୍ଦେଶ୍ୟରେ ଉପସ୍ଥିତ ହିତାଧିକାରୀ ଓ ଜନସାଧାରଣଙ୍କୁ ବକ୍ତବ୍ୟ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଉଦଳା ବ୍ଲକ୍ ତରଫରୁ ଆୟୋଜିତ ଉକ୍ତ ଶୁଭଉଦ୍ଘାଟନ କାର୍ଯ୍ୟକ୍ରମକୁ ମାନ୍ୟବର ବିଧାୟକ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ସୁଭଦ୍ରା ଯୋଜନା ବାବଦରେ ନିଜର ବକ୍ତବ୍ୟ ରଖିଥିଲେ ।

# ନାନା ସମସ୍ୟା ଭିତରେ ହିନ୍ଦୋଳ ଆଦର୍ଶ ବିଦ୍ୟାଳୟ

## ଆବଶ୍ୟକ ଶିକ୍ଷକ ଅଭାବରୁ ପାଠ ପଢା ବାଧା ପ୍ରାପ୍ତ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଓ ଏନ୍ ଏ ସି ଅନ୍ତର୍ଗତ ରାଜମୋହନପୁର ଠାରେ ସ୍ଥାପିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାନା ପ୍ରକାର ମୌଳିକ ସମସ୍ୟା ଲାଗି ରହିଛି। ଏଥି ଯୋଗୁଁ ଶିକ୍ଷା ଦାନ ବାଧା ପ୍ରାପ୍ତ ହେଉ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୯ ମସିହାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷାନୁଷ୍ଠାନ ଟି ତହସିଲ ଅନ୍ତର୍ଗତ ରାଜମୋହନପୁର ମୌଜାରେ ସ୍ଥାପନ କରା ଯାଇଛି। କେନ୍ଦ୍ରୀୟ ଶିକ୍ଷା ପରିଷଦ ଅଧୀନରେ କାର୍ଯ୍ୟରତ ଏହି ଇଂରାଜୀ ମାଧ୍ୟମ ସ୍କୁଲ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉ ଅଛି। ଏଠାରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୪୦୦ ଜଣ ଛାତ୍ର ଛାତ୍ରୀ ଶିକ୍ଷା ଲାଭ କରିବାର ଲକ୍ଷ୍ୟ ରଖା ଯାଇଥିବା ବେଳେ ଅଧୁନା ୩୮୫ ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ଚଳିତ ବର୍ଷ ଏକାଦଶ ଶ୍ରେଣୀ ( ବିଜ୍ଞାନ ବିଭାଗ) ଖୋଲା ଯାଇ ନାମ ଲେଖା ପରେ ପାଠ ପଢା ଆରମ୍ଭ ହୋଇଛି ଶତ ଆବଶ୍ୟକ ଅଧ୍ୟାପକ ଅଧ୍ୟାପିକା ଅଭାବ ସାଙ୍ଗକୁ ଏହାର ସୁଦୂର ପ୍ରଚାର ପ୍ରସାର ଅଭାବକୁ ନେଇ ଆଶାତୀତ ଛାତ୍ର ଛାତ୍ରୀ ନାମ ଲେଖାଇ ନାହାନ୍ତି, ଫଳରେ ଏଠାରେ ଯୁକ୍ତ୍ତୁ ଦୁଇ ଶିକ୍ଷାଦାନ ଆରମ୍ଭରୁ ଆଣ୍ଠେଇ ଥିବା ମନେ ହେଉଛି। ପୂର୍ବ ସରକାରଙ୍କ ସମୟରେ ବିଦ୍ୟାଳୟର ପରିସରରେ ଛାତ୍ରା ବାସ ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ଦିଆ ଯାଇ ଉଭୟ ଛାତ୍ର ଛାତ୍ରୀଙ୍କ ପାଇଁ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା ବେଳେ ଏ ପର୍ଯ୍ୟନ୍ତ ସଂପୂର୍ଣ୍ଣ ହେଉ ନଥିବାରୁ ବ୍ଲକର ବହୁ ଦୂର ଦୁରାନ୍ତରୁ ଛାତ୍ର ଛାତ୍ରୀ ମାନେ ଅଯଥା ଖର୍ଚ୍ଚାନ୍ତ ହୋଇ ପ୍ରତିଦିନ ବସ ଭଡ଼ା ଦେଇ କଷ୍ଟରେ ସ୍କୁଲକୁ ଆସୁଛନ୍ତି। ସ୍କୁଲରେ ବାହ୍ୟ ଖେଳ ପଡିଆ ନଥିବାରୁ ପିଲା ମାନେ ଶ୍ରେଣୀ କକ୍ଷ ଗୋଡ଼ିକ ମଧ୍ୟରେ ଥିବା ଲନ୍ ରେ ଖେଳୁ ଛନ୍ତି। ଏଥିଯୋଗୁଁ ବିଭିନ୍ନ କ୍ରୀଡା କ୍ଷେତ୍ରରେ ଛାତ୍ର ଛାତ୍ରୀ ମାନଙ୍କର ବିକାଶ ହୋଇ ପାରୁ ନାହିଁ। ସରକାରୀ ଶିକ୍ଷାନୁଷ୍ଠାନ ହୋଇ ବି ଏଠାରେ ଅନ୍ୟାନ୍ୟ ବିଦ୍ୟାଳୟ ଭଳି ଆରମ୍ଭରୁ ଏନ୍ ସି ସି, ସ୍କାଉଟ ଓ ଗାଇଡ ଭଳି ବିଭାଗ ଖୁଲୁ ନଥିବାରୁ ବହୁ ପ୍ରତିଭା ଛାତ୍ର ଛାତ୍ରୀ ଏଥିରୁ ବଞ୍ଚିତ ରହିଛନ୍ତି। ବିଦ୍ୟୁ ସେବା ଯୋଗାଣ ପାଇଁ ବିଦ୍ୟାଳୟ ପରିସରରେ ଏକ ଟ୍ରାନସଫର୍ମର ସ୍ଥାପିତ ହୋଇ ଥିଲେ ହେଁ ଏହା କାର୍ଯ୍ୟକ୍ଷମ ହେଉ ନଥିବାରୁ ନିକଟରେ ଥିବା ଆର ଡି କାର୍ଯ୍ୟାଳୟରୁ ସାଙ୍ଗିଲ ଫେଜ୍ ଲାଇନ୍ ଅଣା ଯାଇ ଜେନ ତେନ୍ କାମ ଚଳି ଯାଉଛି। ଆବଶ୍ୟକ କରେ□ ଅଭାବରୁ ୪୦ ଗୋଟି କମ୍ପ୍ୟୁଟର ଗତ ବର୍ଷ ଠାରୁ ଖତ ଖାଉଛି। ଏଥି ପାଇଁ ନାହାନ୍ତି ସ୍ୱତନ୍ତ୍ର କମ୍ପ୍ୟୁଟର ଶିକ୍ଷକ କି ବିଜ୍ଞାନ ବିଭାଗ ଲ୍ୟାବ ପାଇଁ ନାହାନ୍ତି ସ୍ୱତନ୍ତ୍ର ପରୀକ୍ଷକ। ସ୍କୁଲରେ ମୋଟ ୧୪ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଆବଶ୍ୟକ ଥିବା ବେଳେ ଅଛନ୍ତି ମାତ୍ର ୪/୫ ଜଣ ନିୟମିତ ଶିକ୍ଷକ ଶିକ୍ଷୟତ୍ରୀ ଓ ୩/୪ ଜଣ ଠିକା ଶିକ୍ଷକ ଶିକ୍ଷୟତ୍ରୀ।ଯେଉଁ ମାନେକି ଏକ ବର୍ଷିୟା ଚୁକ୍ତିରେ ଏଠାରେ ନିଯୁକ୍ତି ପାଉ ଛନ୍ତି। ବିଦ୍ୟାଳୟରେ ଆହୁରି ଜଣେ ଦୁଇ ଜଣ ଏସ ଏସ ଟି, ହିନ୍ଦୀ, ସଂସ୍କୃତ, ସାହିତ୍ୟ, କଳା ଓ ସଙ୍ଗୀତ ବିଭାଗର ଶିକ୍ଷକ ଆବଶ୍ୟକତା ଥିବା ବେଳେ ତାହା ପୂରଣ ହୋଇ ପାରି ନଥିବାରୁ ଶିକ୍ଷାଦାନ ବାଧା ପ୍ରାପ୍ତ ହେଉଛି। ନିୟମିତ ପି ଟି ଏ ବୈଠକ ବସିବା, ଶିକ୍ଷା ପରିଚାଳନା କମିଟି ଗଠନ ଉପରେ ଗୁରୁ ଦେଇ ଛନ୍ତି ବହୁ ଅଭିଭାବକ। ଇଂରାଜୀ ମାଧ୍ୟମରେ ଉନ୍ନତ ଶିକ୍ଷାଦାନ ଲକ୍ଷ ନେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପିତ ହୋଇଛି। ହେଲେ ଏହା ଭିତରେ ୫ ବର୍ଷ ବିତି ଯାଇଥିଲେ ବି ଏଠାରେ ଆଶାନୁରୂପ ପାଠ ପଢା ହୋଇ ପାରୁ ନଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ସରକାର ଏଥିପ୍ରତି ଗମ୍ଭୀରତାର ସହ ବିଚାର କରିବାକୁ ଦୃଢ଼ ଦାବି ହେଉଛି।



# ଆଜିଠୁ ଭାରତ-ବାଂଲାଦେଶ ପ୍ରଥମ ଟେଷ୍ଟ






ଚେନ୍ନାଇ,୧୮।୯ : ଆସନ୍ତାକାଲିଠୁ ଚେନ୍ନାଇର ଚିଦାମ୍ବରମ୍ ଷ୍ଟାଡିୟମରେ ଭାରତ-ବାଂଲାଦେଶ ମଧ୍ୟରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ଉଭୟ ଦଳ ଗ୍ରାଉଣ୍ଡରେ କଡ଼ା ଅଭ୍ୟାସ କରିଛନ୍ତି। ଭ୍ରମଣକାରୀ ବାଂଲାଦେଶ ପୂର୍ବ ସିରିଜରେ ପାକିସ୍ତାନକୁ ପରାସ୍ତ କରିଥିବାରୁ ମନୋବଳ ଦୃଢ ରହିଛି। ସେହିପରି ଟେଷ୍ଟ ଚାମ୍ପିଅନସିପ୍‌ରେ ଭାରତ ଶୀର୍ଷରେ ରହିଥିବାରୁ ଫାଇନାଲକୁ ପ୍ରବେଶ ପାଇଁ ଏହି ସିରିଜ ପାଇଁ ଘରୋଇ ଦଳ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଦଳ ଭିତ୍ତିରେ ଦେଖିବାକୁ ଗଲେ ରୋହିତ ନେତୃତ୍ୱରେ ଭାରତ ନିଶ୍ଚିତ ପକ୍ଷେ ଶକ୍ତିଶାଳୀ। ଭାରତୀୟ ଦଳ ରୋହିତ ଶର୍ମା, ବିରାଟ କୋହଲି, ଶୁବମାନ ଗିଲ୍, ଯଶସ୍ୱୀ ଜୟସ୍ୱାଲ୍, ଋଷଭ ପନ୍ତ, ଲୋକେଶ ରାହୁଲଙ୍କ ଭଳି ବ୍ୟାଟ୍ସମ୍ୟାନ୍ ଥିବାବେଳେ ସ୍ପିନ୍ ବିଭାଗ ଅତ୍ୟନ୍ତ ଶକ୍ତିଶାଳୀ। ଭେଟେରାନ୍ ଆର. ଅଶ୍ୱିନୀଙ୍କ ସହ ରବିନ୍ଦ୍ର ଜାଡେଜା, କୁଲଦୀପ ଯାଦବ ଓ ଅକ୍ଷର ପଟେଲ ସ୍ପିନ୍ ବିଭାଗ ସମ୍ଭାଳିବେ ଓ ପେସ୍ ବୋଲିଂ ବିଭାଗ ସମ୍ଭାଳିବେ ଯଶପ୍ରୀତ ବୁମରା। ସେହିପରି ବାଂଲାଦେଶ ଦଳରେ ସକିବ ଅଲ୍ ହାସନ, ମୁସଫିକର ରହିମ, ଲିଟ୍‌ନ ଦାସ, ମେହଦି ହାସନ ମିରାଜ. ନମୁଲ ସାଣ୍ଟୋଙ୍କ ଭଳ ବ୍ୟାଟ୍ସମ୍ୟାନ୍ ରହିଛନ୍ତି।

ଭାରତ ଏବଂ ବାଲାଂଦେଶ ୮ ଥର ମୁହାଁମୁହିଁ ହୋଇଛନ୍ତି। ଏଥିରେ ଭାରତ ୭ଟି ସିରିଜ୍ ଜିତିଥିବା ବେଳେ ଗୋଟିଏ ମ୍ୟାଚ୍ ୨୦୧୫ରେ ହୋଇଥିଲା ଡ୍ର। ଭାରତ ବାଲାଂଦେଶ ବିପକ୍ଷରେ ମୋଟ ୧୩ଟି ମ୍ୟାଚ ଖେଳିଛି ।ଏଥିରୁ ଭାରତ ୧୧ଟିରେ ବିଜୟ ହାସଲ କରିଛି। ଏହାବ୍ୟତୀତ ୨୦୦୭ ଏବଂ ୨୦୧୫ରେ ୨ଟି ମ୍ୟାଚ୍ ଡ୍ର ରହିଥିଲା । ଏଥିରୁ ସ୍ପଷ୍ଟ ସେ ବାଲାଂଦେଶ ଉପରେ ସବୁବେଳେ ଭାରି ପଡିଛି। ଟିମ୍ ଇଣ୍ଡିଆ। ତେବେ ରେକର୍ଡ ଅନୁଯାୟୀ ଚଳିତ ସିଜନ୍‌ରେ ମଧ୍ୟ ମେନ ଇନ୍ ବ୍ଲୁ ସିରିଜ୍ ଜିତିବାରେ ରହିଛି ଦୃଢ ଆଶା ।

ରେକର୍ଡକୁ ଦେଖିଲେ ଚେପକ୍ ସହ ଟିମ୍ ଇଣ୍ଡିଆର ସମ୍ପର୍କ ବହୁତ ଲମ୍ବା ୧୯୫୨ରେ ଭାରତ ଇଂଲଣ୍ଡ ବିପକ୍ଷରେ ନିଜର ପ୍ରଥମ ଟେଷ୍ଟ ମ୍ୟାଚ୍ ଚେପକରେ ଜିତିଥିଲା । ଯାହା ଭାରତୀୟ କ୍ରିକେଟ୍ ଇତିହାସର ଏକ ମାଇଲଖୁଣ୍ଟ ।ଏହି ଗ୍ରାଉଣ୍ଡରେ ଭାରତ ମଧ୍ୟ ଟେଷ୍ଟ କ୍ରିକେଟ୍ ଇତିହାସରେ ସବୁଠାରୁ ବଡ ସ୍କୋର କରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଚେପକରେ ଖେଳାଯାଇଛି ୩୪ଟି ଟେଷ୍ଟ ମ୍ୟାଚ୍ । ଏହି ସମୟରେ ଟିମ୍ ଇଣ୍ଡିଆ। ୧୫ଟି ମ୍ୟାଚ୍ ଜିତିଥିବା ବେଳେ ୭ଟି ମ୍ୟାଚରେ ପରାଜୟର ସମ୍ମୁଖୀନ ହୋଇଛି । ସେହିପରି ୧୧ଟି ମ୍ୟାଚ ଡ୍ର ହୋଇଥିବା ବେଳେ ଗୋଟିଏ ମ୍ୟାଚ୍ ଟାଇରେ ଶେଷ ହୋଇଥିଲା । ତେବେ ସବୁଠାରୁ ଖାସ୍ କଥା ହେଉଛି ଚେପକ ଷ୍ଟାଡିୟମରେ ପ୍ରଥମେ ବ୍ୟାଟିଂ କରୁଥିବା ଟିମ୍ ମ୍ୟାଚ୍ ଜିତିଥାଏ ଚେପକରେ ପ୍ରଥମେ ବ୍ୟାଟିଂ କରୁଥିବା ଟିମ୍ ୧୩ଟି ଟେଷ୍ଟ ମ୍ୟାଚ୍ ଜିତିଛି। ୨୦୨୧ରେ ଟିମ୍ ଇଣ୍ଡିଆ ଇଂଲଣ୍ଡ ବିପକ୍ଷରେ ଖେଳିଥିଲା ଏହାର ଶେଷ ଟେଷ୍ଟ ମ୍ୟାଚ୍ ଯେଉଁଥିରେ ୩୧୭ରନ୍‌ରେ ଜିତିଥିଲା।

ଅନ୍ୟପଟେ ବାଂଲାଦେଶ ଟିମ୍ ପ୍ରଥମଥର ପାଇଁ ଚେପକ ଗ୍ରାଉଣ୍ଡରେ ଖେଳିବାକୁ ଯାଉଛି। ଟେଷ୍ଟ ମ୍ୟାଚ୍ କିନ୍ତୁ ଓ୍ୱାନଡେ ଇଣ୍ଟରନ୍ୟାସନାଲରେ ବାଂଲାଦେଶ ଏହି ଗ୍ରାଉଣ୍ଡରେ ଖେଳିଛି ୨ଟି ମ୍ୟାଚ୍ ।ଯେଉଁଥିରେ ପରାଜୟର ସାମ୍ନା କରିବାକୁ ପଡିଥିଲା । ତେବେ ବର୍ତ୍ତମାନ ଯେତେବେଳେ ଭାରତୀୟ ଟିମ୍ ବାଂଲାଦେଶ ବିପକ୍ଷ ଟେଷ୍ଟ ମ୍ୟାଚ୍ ପାଇଁ ପଡ଼ିଆକୁ ଓହ୍ଲାଇବାକୁ ଯାଉଛି, ସେତେବେଳେ ସମସ୍ତଙ୍କ ନଜର ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ପରି ଧୁରନ୍ଧରଙ୍କ ଉପରେ ରହିବ ଏହି ମୈଦାନରେ ରେକର୍ଡ ତ ଭାରତ ପକ୍ଷରେ ରହିଛି, କିନ୍ତୁ ଅଭିଜ୍ଞତା ଦୃଷ୍ଟିରୁ ମଧ୍ୟ ଭାରତ ବାଂଲାଦେଶ ଉପରେ ଭାରୀ ପଡ଼ିବ।

# ସୁନା ଝିଅଙ୍କୁ ଭବ୍ୟ ସ୍ୱାଗତ



ଭୁବନେଶ୍ୱର,୧୮।୯: କର୍ଣ୍ଣାଟକର ମାଙ୍ଗାଲୋରଠାରେ ଅନୁଷ୍ଠିତ ୭୭ତମ ଜାତୀୟ ବରିଷ୍ଠ ସନ୍ତରଣ ପ୍ରତିଯୋଗିତାରେ ଏକାଧିକ ଐତିହାସିକ ସଫଳତା ଅର୍ଜନ କରିଥିବା ଓଡ଼ିଶା ଖେଳାଳି ଘରକୁ ବାହୁଡ଼ିଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ଏହି ଯୁବା ଖେଳାଳିମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରତ୍ୟାଶା ରାୟ ପ୍ରଥମ ମହିଳା ଭାବେ ଜାତୀୟ ବରିଷ୍ଠ ବର୍ଗ ପଦକ ଜିତିବା ସଂସ୍କରଣରେ ଓଡ଼ିଶା ମୋଟ ୬ ପଦକ କରାୟତ୍ତ କରିବା ସବୁଠାରୁ ବଡ଼ ଉପଲବ୍ଧି ହୋଇଛି। ଏହା ମଧ୍ୟରେ ୪ଟି ବ୍ୟକ୍ତିଗତ ରେପ୍ୟ ଏବଂ ଦୁଇଟି ଦଳଗତ (ଗୋଟିଏ ବ୍ଲୋଏଁ ସ୍ୱର୍ଣ୍ଣ ଓ କାଂସ୍ୟ) ପଦକ ରହିଛି। ପ୍ରତ୍ୟାଶା ବ୍ୟକ୍ତିଗତ ଭାବେ ୪ ପଦକ ଜିତିଥିବା ବେଳେ ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ, ସୋନିଆ ପଟେଲ୍ ଦୁଇଟି ଲେଖାଏଁ ଏବଂ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ଗୋଟିଏ ପଦକ ଜିତି ଏହି ଐତିହାସିକ ସଫଳତାର ତାରକା ମାନ୍ୟତା ପାଇଛନ୍ତି।

ବିମାନବନ୍ଦରରେ ଓଡ଼ିଶା ଖେଳାଳିଙ୍କୁ ଓଡ଼ିଶା ସନ୍ତରଣ ସଂଘ କାର୍ଯ୍ୟକାରୀ ସଭାପତି ସୋମା ମିଶ୍ର, ସମ୍ପାଦକ ଗୋଲାପମଣି ମହାନ୍ତ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଚନ୍ଦ୍ର ମହାକୁଡ଼, କାର୍ଯ୍ୟନିର୍ବାହୀ ସଦସ୍ୟ ରାଜୀବ ଲୋଚନ ଦାସ, ରାଜ୍ୟର ପ୍ରଥମ ଜାତୀୟ ସନ୍ତରଣ ପଦକ ବିଜେତା ରଙ୍କନିଧି ସେଠ୍, ରଜତ ରାୟ, ଋତୁଶ୍ରୀ ବେହୁରା, ସୁବ୍ରତ ଦାସ, ଲିପ୍‌ସା ରାଉତ, ବୁଲି ବ୍ରେହା, ଅନୁଭା ପ୍ରଧାନ, ଭେଟେରାନ୍ ଦାଶରଥି ପ୍ଲେଲ୍ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଜାବ କିଙ୍ଗ୍ସର ହେଡ୍ କୋଚ୍ ହେଲେ ରିକି ପଣ୍ଟିଂ

ନୂଆଦିଲ୍ଲୀ,୧୮।୯: ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂଙ୍କୁ ପଞ୍ଜାବ କିଙ୍ଗ୍ସ ଆଇପିଏଲ୍ ୨୦୨୫ ପୂର୍ବରୁ ନୂଆ। ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରିଛି। ପଣ୍ଟିଂ ଏବେ ଟ୍ରେଭର ବେଲିସଙ୍କ ଜାଗା ନେବେ। ଯିଏ ଗତ କିଛି ବର୍ଷ ଧରି ପଞ୍ଜାବର ମୁଖ୍ୟ କୋଚ୍ ଥିଲେ। ପଣ୍ଟିଂ ଗତ ସଂସ୍କରଣରେ ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଥିଲେ ଦିଲ୍ଲୀ ପାଇଁ ଦୀର୍ଘ ସମୟ କୋଚ୍ ରହିବା ପରେ ବି ଦଳ କୁ ସଫଳତା ନ ମିଳିବାରୁ ସେ ଡିସି ପାଇଁ ନିଜର କାର୍ଯ୍ୟକାଳ ଆଗକୁ ବଢାଇବାକୁ ଆଗ୍ରହ ପ୍ରକାଶ କରି ନ ଥିଲେ ।



ପଞ୍ଜାବ କିଙ୍ଗ୍ସ ଫ୍ରାଞ୍ଚାଇଜ ସହ ପଣ୍ଟିଂ ୪ ବର୍ଷର ଚୁକ୍ତିନାମା କରିଛନ୍ତି, ଯାହା ୨୦୨୮ରେ ସମାପ୍ତ ହେବ। ପଞ୍ଜାବ କିଙ୍ଗ୍ସର କୋଚିଂ ଏବଂ ସପୋର୍ଟ ଷ୍ଟାପର ପୁରା ନିୟନ୍ତ୍ରଣ ପଣ୍ଟିଂଙ୍କ ହାତକୁ ଦିଆଯିବ ବୋଲି କୁହାଯାଉଛି। କିନ୍ତୁ ଏ ବିଷୟରେ ଅଦ୍ୟାବଧି କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ ଯେ, ପୁରୁଣା କୋଚିଂ ଷ୍ଟାଫଙ୍କୁ ନେଇ କଣ ନିଷ୍ପତ୍ତି ନିଆଯିବ।

ପଞ୍ଜାବର ପୁରୁଣା କୋଚିଂ ଷ୍ଟାଫରେ ଟ୍ରେଭର ବେଲିସ(ମୁଖ୍ୟ କୋଚ୍), ସଞ୍ଜୟ ବାଙ୍ଗର(ହେଡ ଅଫ କ୍ରିକେଟ୍ ଡେଭଲପମେଣ୍ଟ), ଚାର୍ଲ ଲାଙ୍ଗଭେଲ୍ଟ(ଦ୍ରୁତ ବୋଲିଂ କୋଚ୍) ଓ ସୁନୀଲ ଯୋଶୀ(ସ୍ପିନ ବୋଲିଂ କୋଚ୍) ସାମିଲ ଥିଲେ ଉଲ୍ଲେଖନୀୟ ପଞ୍ଜାବ ଗତ ୭ ସିଜିନରେ ୬ କୋଚ୍ ବଦଳାଇ ସାରିଛି।

ପଞ୍ଜାବ କିଙ୍ଗ୍ସର ଗତ ସିଜିନ ଉପରେ ନିଜର ପକାଇଲେ ଦଳ ୧୪ଟି ମ୍ୟାଚ୍‌ରୁ ୫ଟି ଜିତିବାରେ ସଫଳ ହୋଇଥିଲା। ଅଙ୍କ ତାଲିକାରେ ଦଳ ତଳ ଆଡୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ପଞ୍ଜାବର ପ୍ଲେ ଅଫ୍‌ର ନିକଟତର ହୋଇ ଟାଇଟଲ୍ ଦୌଡ଼ରୁ ବାଦ୍ ପଡ଼ିବାର ପୁରୁଣା ଇତିହାସ ରଚିଛି। ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୭ ସିଜିନ ପରେ ବି ଏହି ଦଳ ଥରୁଟିଏ ବି ଟାଇଟଲ୍ ଜିତି ପାରିନି। ଏବେ ରିକି ପଣ୍ଟିଂଙ୍କ ଉପରେ ପଞ୍ଜାବକୁ ଆଇପିଏଲ୍ ଚାମ୍ପିଅନ କରାଇବାର ଦାୟିତ୍ୱ ରହିବ।

# ପୁଣି ମୁହାଁମୁହିଁ ହେଲେ କୋହଲି-ଗମ୍ଭୀର

ନୂଆଦିଲ୍ଲୀ,୧୮।୯: ଭାରତୀୟ ଦଳର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍‌ଙ୍କ ମଧ୍ୟରୁ ବିରାଟ କୋହଲି ଅନ୍ୟତମ। ଗୌତମ ଗମ୍ଭୀର ଟିମ ଇଣ୍ଡିଆର ମୁଖ୍ୟ କୋଚ ଦାୟିତ୍ୱ ତୁଲାଉଛନ୍ତି। ଟିମ ଇଣ୍ଡିଆରେ ଉଭୟ ମହାନଙ୍କୁ ଏକାଠି ଦେଖାଯାଉଥିଲେ ମଧ୍ୟ ଉଭୟେ ପରସ୍ପରର ସବୁଠାରୁ ବଡ ଶତ୍ରୁ ବୋଲି କେହି ଅସ୍ୱୀକାର କରିପାରିବେ ନାହିଁ। ବର୍ତ୍ତମାନ ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ ଇଣ୍ଡିଆ। (ବିସିସିଆଇ) ସାକ୍ଷାତକାରରେ ଉଭୟ ଶତ୍ରୁଙ୍କୁ ମୁହାଁମୁହିଁ ବସାଇଛି।



ବୋର୍ଡ ଅଫ କଣ୍ଟ୍ରୋଲ ଫର୍ କ୍ରିକେଟ ଇନ ଇଣ୍ଡିଆ। (ବିସିସିଆଇ) ବିରାଟ କୋହଲି ଏବଂ ଗୌତମ ଗମ୍ଭୀରଙ୍କ ମଧ୍ୟରେ କଥାବାର୍ତ୍ତାର ଏକ ଭିଡିଓ କ୍ଲିପ ଶେୟାର କରିଛି ।ଏହି ଭିଡିଓରେ ବିରାଟ ଏବଂ ଗମ୍ଭୀର ପରସ୍ପରକୁ ସାକ୍ଷାତକାର ଦେଉଥିବାର ନଜର ଆସିଛନ୍ତି। ଉଭୟ ପୁରୁଣା ସ୍ମୃତି ଶେୟାର କରିଛନ୍ତି ଏବଂ ପରସ୍ପରକୁ ପ୍ରଶ୍ନ ପଚାରନ୍ତି ଏହି ସମୟରେ ଦୁହେଁ ବହୁତ ହସନ୍ତି ଏବଂ ଥଟ୍ଟା କରନ୍ତି ବିସିସିଆଇ ଏହାର କ୍ୟାପସନରେ ଲେଖିଛି ଏକ ବିଶେଷ ସାକ୍ଷାତକାର ମହାନ କ୍ରିକେଟରଙ୍କ ମସ୍ତିଷ୍କ କେମିତି ଚାଲେ ଟିମ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ବିରାଟ କୋହଲିଙ୍କ ଫ୍ରିଲେଂ ବାର୍ତ୍ତାଳାପରେ ଏକାଠି ନଜର ଆସିଥିଲେ।

ବିସିସିଆଇ ବିରାଟ କୋହଲି ଏବଂ ଗୌତମ ଗମ୍ଭୀରଙ୍କ ସାକ୍ଷାତକାରର ଭିଡିଓ ବିଶ୍ୱକପ ୨୦୧୧ର ଫାଇନାଲରେ ବିରାଟ କୋହଲି ଏବଂ ଗୌତମ ଗମ୍ଭୀରଙ୍କ ଦ୍ୱାରା ଖେଳାଯାଇଥିବା ଇନିଂସରୁ ଆରମ୍ଭ ହୋଇଥିଲା। ତାପରେ ଭିଡିଓଟି ସେହି ଐତିହାସିକ ମୁହୂର୍ତ୍ତକୁ ଦର୍ଶାଇଥିଲା ଯେତେବେଳେ ଟିମ ଇଣ୍ଡିଆ। ୨୮ ବର୍ଷ ପରେ ଦିନିକିଆ। ବିଶ୍‌କପ ଟାଇଟଲ ଜିତିଥିଲା ଏହା ପରେ ସାକ୍ଷାତକାର ଆରମ୍ଭ ହୁଏ।

ସାକ୍ଷାତକାର ଆରମ୍ଭ କରି ଗମ୍ଭୀର କହିଛନ୍ତି, ମୋର ମନେ ଅଛି ଯେ ଅଷ୍ଟ୍ରେଲିଆରେ ତୁମର ଏକ ବମ୍ପର ସିରିଜ ଥିଲା, ଯେଉଁଠାରେ ତୁମେ ବହୁତ ରନ ସ୍କୋର କରିଥିଲ ଏବଂ ତାହା ତୁମକୁ ସେଫ୍ ଜୋନ୍ ଭିତରକୁ ଆଣିଥିଲା ମୋ ପାଇଁ ଏହା ନାପିରରେ ଖେଳିବା ପରି ସମାନ ଥିଲା ସେହି ଜୋନ୍‌ରେ ରହିବା କେତେ ଚମତ୍କାର ତାହା ତୁମେ ଜାଣିଛି।

ତାପରେ ବିରାଟ କୋହଲି କହିଛନ୍ତି, କିନ୍ତୁ ଯେତେବେଳେ ତୁମେ ବ୍ୟାଟିଂ କରୁଥିଲ ଏବଂ ତୁମର ପ୍ରତିପକ୍ଷଙ୍କ ସହ କିଛି ଯୁକ୍ତିତର୍କ ହୋଇଥିଲା, ତୁମେ କେବେ ଭାବିଥିଲ କି ଏହି କାରଣରୁ ତୁମେ ସେହି ଜୋନ ବାହାରକୁ ଯାଇ ପାରିବ ।କୋହଲିଙ୍କ ବିବୃତ୍ତିର ଜବାବରେ ଗମ୍ଭୀର କହିଛନ୍ତି, ତୁମ ସହ ମୋ ଅପେକ୍ଷା ଅଧିକ ବିବାଦ ହୋଇଛି ଏହା ଶୁଣି କୋହଲି ହସିବାକୁ ଲାଗିଲେ।

## ୩୦ତମ ଜାତୀୟ ସିନିୟର ଉଷୁ ଓଡିଶା ଦଳରେ ବଲାଙ୍ଗିର ରୁ ୨ ପ୍ରତିଯୋଗି

ବଲାଙ୍ଗିର,୧୮।୯: ଚଳିତ ମାସ ୨୧ ତାରିଖରୁ ଡେହେରାଡୁନ ଠାରେ ହେବାକୁ ଥିବା ୩୦ତମ ସିନିୟର ଜାତୀୟ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ୪୨ ଜଣ ମଧ୍ୟରୁ ବଲାଙ୍ଗିର ରୁ ୨ ଜଣ ରିମା ସୁନା ଏବଂ ଆଲୋକ ନାୟକ ମଧ୍ୟ ସ୍ଥାନ ପାଇଛନ୍ତି । ଭୁବନେଶ୍ୱର ଠାରେ ୧୦ ଦିନ ସ୍ୱତନ୍ତ୍ର ପ୍ରଶିକ୍ଷଣ କରି ସାରିବା ପରେ ୧୮ ତାରିଖ ରୁ ଭୁବନେଶ୍ୱର ଠାରୁ ଡେହେରାଡୁନ ଅଭିମୁଖେ ଦଳ ସହିତ ଜାତୀୟ ବିଚାରକ ଅନୁରାଧା ଦୋରା, ସୁଜନ କୁମାର ରଥ, ପଙ୍କଜ ମହନ୍ତ (ଟିମ କୋଚ) ଏବଂ ଆନ୍ତର୍ଜାତୀୟ ବିଚାରକ ପ୍ରଦ୍ୟୁମ୍ନ ବେହେରା ଦଳ ସହିତ ଯାଇଛନ୍ତି । ଓଡିଶା ଉଷୁ ସଂଘ ର ସମ୍ପାଦକ ଯୁବରାଜ ହରିଚନ୍ଦନ ଏବଂ ଓଡିଶା ଉଷୁ ସଂଘର ପ୍ରତିଷ୍ଠାତା ସୁଧାଂଶୁ ଶେଖର ହରିଚନ୍ଦନ ଓଡିଶା ଦଳର ସଫଳ କାମନା କରିଛନ୍ତି ବୋଲି ବଲାଙ୍ଗିର ଉଷୁ କୋଚ ଯୁଧିଷ୍ଠିର ଗୁରହାଣ୍ଡି ସୂଚନା ଦେଇଛନ୍ତି ।

# ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ମୀନା ଓ ଜ୍ୟୋସ୍ନାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୧୮।୯: ଫିଜିର ଶୁଭାରେ ଆରମ୍ଭ ହୋଇଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ପ୍ରତିଯୋଗିତାରେ ଦୁଇ ଓଡ଼ିଆ। ଝିଅ ମୀନା ସାନ୍ତା (ଏ) ଓ ଜ୍ୟୋସ୍ନା ଶବର ଚମତ୍କାର ପ୍ରଦର୍ଶନ କରିଛନ୍ତି ।ମୀନା ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ସହ ୩ ପଦକ ଜିତି ରାଜ୍ୟର ଗେରବ ବଢ଼ାଇଛନ୍ତି ଅଭିଜ୍ଞା ଜ୍ୟୋସ୍ନା ଶବରଙ୍କୁ ମିଳିଛି ଗୋଟିଏ ସ୍ୱର୍ଣ୍ଣ ପଦକ ଉଭୟ କିସ୍‌ର ଛାତ୍ରୀ ହୋଇଥିବାରୁ ଏହି ବିଶ୍ୱ ବିଦିତ ଆଦିବାସୀ ବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି।

ମୀନା ସାନ୍ତା ଅଂଶଗ୍ରହଣ କରିଥିବା ସମସ୍ତ ୩ ବର୍ଗରେ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ୫୫ କିଲୋଗ୍ରାମର ଯୁବ ଓ କନିଷ୍ଠ ବର୍ଗରେ ମୀନା ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ବରିଷ୍ଠ ବର୍ଗରେ ରେପ୍ୟ ପଦକ ପାଇଥିଲେ। ନବରଙ୍ଗପୁର ଜିଲ୍ଲାର ଝିଅ ମୀନା ସ୍ନାଚରେ ୮୧ କିଲୋଗ୍ରାମ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୯୯ କିଲୋଗ୍ରାମ ସହ ମୋଟ ୧୮୦ କିଲୋଗ୍ରାମ ଉତ୍ତୋଳନ କରିଥିଲେ। ସେହିଭଳି ୪୦ କିଲୋଗ୍ରାମ ଓଜନ ବର୍ଗରେ ଭାରତ ପାଇଁ ଆଉ ଏକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଜ୍ୟୋସ୍ନା ଶବର ଗଜପତି ଝିଅ ଜ୍ୟୋସ୍ନା ସ୍ନାଚ୍‌ରେ ୫୮ କିଲୋଗ୍ରାମ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୬୫ କିଲୋଗ୍ରାମ ସହ ମୋଟ ୧୨୩ କିଲୋଗ୍ରାମ ଉତ୍ତୋଳନ କରି ଶୀର୍ଷରେ ରହିଥିଲେ ଉଭୟଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଂଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି। ମୀନା ସାନ୍ତା (ଏ) କିସ୍‌ରେ ଯୁକ୍ତ ୨ କଳାରେ ଦ୍ୱିତୀୟ ବର୍ଷ ଏବଂ ଜ୍ୟୋସ୍ନା ପ୍ରଥମ ବର୍ଷର ଛାତ୍ରୀ।



କିସ୍ ଯୋଗାଇ ଦେଉଥିବା ସୁବିଧା ସୁଯୋଗ ପାଇଁ ଉଭୟ ଏହାର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ଭାରୋତ୍ତୋଳନ ସଂଘ, ଭାରତୀୟ ଭାରୋତ୍ତୋଳନ ସଂଘ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗକୁ ମଧ୍ୟ ଉଭୟ କୃତଜ୍ଞତା ଜଣାଇଛନ୍ତି ।ଉଭୟ ଉଦୀୟମାନ ପ୍ରତିଭା ଭୁବନେଶ୍ୱରସ୍ଥିତ ଓଡ଼ିଶା ଟେନଭିକ୍ ଭାରୋତ୍ତୋଳନ ଏଚ୍‌ପିସିରେ ତାଲିମ ନେଉଥିବାବେଳେ ପାଟିଆଲାସ୍ଥିତ ସାଇ ଏନ୍‌ଏସ୍‌ଏନ୍‌ଆଇଏସ୍‌ର ଜାତୀୟ ଶିବିରରେ ସାମିଲ ହୋଇ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।

## କେବେ ଫେରିବେ ଶାର୍ଦ୍ଦୁଲ ?

ନୂଆଦିଲ୍ଲୀ,୧୮।୯: ଭାରତୀୟ ଟିମ୍‌ର ପେସର ତଥା ଅଲରାଉଣ୍ଡର ଶାର୍ଦ୍ଦୁଲ ଠାକୁର। ଦୀର୍ଘ ସମୟ ଧରି ଚର୍ଚ୍ଚାରେ ଅଛନ୍ତି। ସେ ଗତ ୯ ମାସ ଧରି ସେ ଟିମ୍‌ରୁ ବାହାରେ ଅଛନ୍ତି ତେବେ କୁହାଯାଉଛି କି, ସେ କୁଆଡେ ଗଲେ? କାହିଁକି ଦୀର୍ଘ ସମୟ ଧରି ବାହାର ଅଛନ୍ତି। ସେ ୧୬ ଅକ୍ଟୋବରରେ ୩୩ ବର୍ଷରେ ପାଦ ଥାପିବେ ଶାର୍ଦ୍ଦୁଲ ଠାକୁର ।



ସେ ସେ ଭାରତୀୟ ଟିମ୍ ପାଇଁ ୨୦୨୩ରେ ସାଉଥ ଆଫ୍ରିକା ବିପକ୍ଷରେ ସେଞ୍ଚୁରିାନ୍ ଟେଷ୍ଟ ଖେଳିଥିଲେ। ଏହା ପରେ ଆଇପିଏଲ୍ ୨୦୨୪ ରେ ସେ ଆହତ ହୋଇଥିଲେ। ଆହତ କାରଣରୁ ଶାର୍ଦ୍ଦୁଲ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ଏହାପରେ ୧୨ ଜୁନ୍‌କୁ ଲଣ୍ଡନରେ ସର୍ଜରୀ କରିଥିଲେ ।ସେ କିନ୍ତୁ ଶାର୍ଦ୍ଦୁଲଙ୍କୁ ନେଇ ଗୋଟିଏ ଭଲ ଖବର ସାମ୍ନାକୁ ଆସିଛି ।

ରିପୋର୍ଟ ମୁତାବିକ୍ ଶାର୍ଦ୍ଦୁଲ ରକଭରି କରିସାରିଲେଣି ।ଏବେ ସେ ଇରାନୀ କପ୍ ଖେଳୁଥିବା ନଜର ଆସିପାରନ୍ତି। ଏବେ ସେ ବେଙ୍ଗାଲୁରୁରେ ଘରୋଇ ଟୁର୍ଣ୍ଣାମେଣ୍ଟରେ କ୍ୟାପଟେନ୍ ଅଛନ୍ତି ମୁମ୍ବାଇ ତରଫରୁ ସେ ଖେଳୁଛନ୍ତି ଟୁର୍ଣ୍ଣାମେଣ୍ଟରେ ଶାର୍ଦ୍ଦୁଲଙ୍କ ବ୍ୟାଟିଂ ଫ୍ଲପ୍ ଥିବାବେଳେ ବୋଲିଂରେ ବି ସେତେଟା କମାଲ କରିପାରନଥିଲେ ସେ ।

ଶାର୍ଦ୍ଦୁଲ ଖାତା ଖୋଲିନପାରି ପାଭିଲିୟନକୁ ଫେରିଥିଲେ । ସେହିଭଳି ବୋଲିଂରେ ବି ଗୋଟିଏ ହେଲେ ବି ଓ୍ୱିକେଟ ନେଇନଥିଲେ ସେ ୮ ଓଭର ପକାଇ ଦେଇଥିଲେ ୨୯ ରନ୍ ।

# ଆୟରଙ୍କ ପାଇଁ ଟିମ୍ ଇଣ୍ଡିଆର ସବୁ ରାସ୍ତା ବନ୍ଦ !

ମୁମ୍ବାଇ ୧୮।୦୯ : ବାଂଲାଦେଶ ବିପକ୍ଷ ସିରିଜ୍ ଲାଗି ଶ୍ରେୟସ ଆୟରଙ୍କୁ ଦଳରେ ସାମିଲ କରାଯାଇନାହିଁ। ଆୟର ଏବେ ଦୁଲ୍ଲୀପ ଟ୍ରଫିରେ ଇଣ୍ଡିଆ। ଡିର ଅଧିନାୟକ ପଦ ସମ୍ଭାଳୁଛନ୍ତି ଦୁଲ୍ଲୀପ ଟ୍ରଫିର ସେତେଟା ଅଖେ୍ଦୃଶିଅ। ପ୍ରଦର୍ଶନ କରିନାହାନ୍ତି ଅୟେର ଏସବୁ ମଧ୍ୟରେ ବିସିସିଆଇର ତରଫରୁ ଆସିଛି ବଡ଼ ସୂଚନା।



ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେବା ଅବସରରେ ବିସିସିଆଇର ଜଣେ ଅଧିକାରୀ କହିଛନ୍ତି ଯେ, ବର୍ତ୍ତମାନର ସମୟରେ ଟେଷ୍ଟ ଟିମ୍‌ରେ ଶ୍ରେୟସଙ୍କ ପାଇଁ କୌଣସି ଜାଗା ନାହିଁ । ଟେଷ୍ଟ ଟିମ୍‌ରେ ଚୟନ ହୋଇଥିବା ସମସ୍ତ ଖେଳାଳି ନିଜ ନିଜ ଦକ୍ଷତା ଅନୁସାରେ ପ୍ରଦର୍ଶନ କରୁଛନ୍ତି। ତେଣୁ କାହାକୁ ରିପ୍ଲେସ କରିବେ ଶ୍ରେୟସ ଆୟର । ଏହାସହିତ ଦୁଲ୍ଲୀପ ଟ୍ରଫିରେ ଶ୍ରେୟସଙ୍କ ସଟ୍ ସିଲେକ୍ସନ୍ ଆମ ପାଇଁ ଚିନ୍ତାର ବିଷୟ ପାଲଟିଛି। କିଛି ମ୍ୟାଚ୍‌ରେ ଆମେ ଦେଖିଛୁ କି.. ସେ କ୍ରିଜ୍‌ରେ ଜମିଯାଇଥିବେ ହଠାତ୍ ଭୁଲ୍ ସଟ୍ ଖେଳି ଆଉଟ୍ ହୋଇଯାଉଛନ୍ତି ।ଯଦି ବୋଲର ବୋଲିଂ କରିବା ପୂର୍ବରୁ ସଟ୍ ଏବଂ ପ୍ଲଟ୍ ବାଛି ନେଉଛନ୍ତି। ତେବେ ଏହା ଆପଣଙ୍କ ପାଇଁ ଭୁଲ୍ ଶ୍ରେୟସ ଯଦି ନିଜର ଏହି ଭୁଲ୍‌କୁ ସଜାଡିପାରିବେ । ତେବେ ଆଗକୁ ଯାଇ ଚୟନ ନେଇ ସିଲେକ୍ସନ କମିଟି ଚିନ୍ତା କରିବ ।

ଏହାପୂର୍ବରୁ ଇଂଲଣ୍ଡ ବିପକ୍ଷ ୫ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଚୟନ ହୋଇଥିଲେ ଶ୍ରେୟସ ଆୟର। ପ୍ରଥମ ଦୁଇଟି ମ୍ୟାଚ୍‌ରେ ଶ୍ରେୟସ ସେତେଟା ଖାସ୍ ପ୍ରଦର୍ଶନ କରିପାରିନଥିଲେ। ଇଂଲଣ୍ଡ ଟେଷ୍ଟ ସିରିଜ୍ ପୂର୍ବରୁ ଆୟର ଦକ୍ଷିଣ ଆଫ୍ରିକା ସିରିଜ୍‌ରେ ନଜର ଆସିଥିଲେ।। ସୂଚନାଯୋଗ୍ୟ ଯେ, ଶ୍ରେୟସ ଆୟର ବର୍ତ୍ତମାନ ଯାଏଁ ୧୪ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ମୋଟ ୨୪ଟି ପାରିରେ ଶ୍ରେୟସ ୮୧୧ ରନ୍ ସଂଗ୍ରହ କରିଛନ୍ତି ।ଏହିସବୁ ମ୍ୟାଚ୍ ମଧ୍ୟରୁ ଶ୍ରେୟସଙ୍କ ବ୍ୟାଟ୍‌ରୁ ଗୋଟିଏ ଶତକ ଏବଂ ୫ଟି ଅର୍ଦ୍ଧଶତକ ବାହାରିଛି। ୨୦୨୧ରେ ଟେଷ୍ଟ କ୍ରିକେଟ୍‌ରେ ଡେବ୍ୟୁ କରିଥିଲେ ଶ୍ରେୟସ ଆୟର ।

# ନବଦୀପଙ୍କୁ ଆତ୍ମହତ୍ୟା କରିବାକୁ କହୁଥିଲେ ନିନ୍ଦୁକ

ନୂଆଦିଲ୍ଲୀ,୧୮।୯: ପ୍ୟାରିସ୍ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ନବଦୀପ ସିଂହ ନିଜ ଜୀବନର ଅକୁହା କାହାଣୀ ବର୍ଣ୍ଣନା କରିଛନ୍ତି। ପୁରୁଷ ଜାଭଲିନ୍ ଏଫ୍୪୧ରେ ପ୍ରଥମେ ସେ ରୌପ୍ୟ ଜିତିଥିଲେ। ପରବର୍ତ୍ତୀ ସମୟରେ ସ୍ୱର୍ଣ୍ଣ ବିଜେତା ଅଯୋଗ୍ୟ ହେବାରୁ ତାଙ୍କ ପଦକ ବଦଳି ସ୍ୱର୍ଣ୍ଣ ହୋଇଥିଲା ।ଏଥିସହ ସେ ଆଥ୍ଲେଟିକ୍ ଜୀବନରେ ଐତିହାସିକ ମାଇଲ୍‌ଖୁଣ୍ଟ ଛୁଇଁଥିଲେ। କିଭଳି ଏକ ସଂଘର୍ଷପୂର୍ଣ୍ଣ ଜୀବନରୁ ମୁକୁଳି ଏହି ସଫଳତା ପାଇଥିଲେ। ସେ ଏକ ପୋଡକାଷ୍ଟ ସାକ୍ଷାତକାରରେ ଏହାର କାହାଣୀ ବଖାଣିଛନ୍ତି। ବାମନ ଭାବେ ଜନ୍ମ ହେବା ତାଙ୍କ ପାଇଁ କଷ୍ଟକର ଥିଲା। ସାହିପଡ଼ିଶାଠୁ ଆରମ୍ଭ କରି ସବୁଠୁ ଟାହିଟାପରାର ଶିକାର ହେଉଥିଲେ।

ଏମିତି ବି କେତେଜଣ ତାଙ୍କୁ ଆତ୍ମହତ୍ୟା କରିଦେବା ଲାଗି ପରାମର୍ଶ ଦେଉଥିଲେ। ପୁରୁଣା ଦିନର କଥା ମନେ ପକାଇ ସେ କହିଛନ୍ତି, ଆପଣମାନଙ୍କୁ କଣ ଲାଗୁଛି ଆମକୁ ସାହସ କେଉଁଠୁ ଆସୁଛି ? ଯେବେ ସେମାନେ କୁହନ୍ତି, ତୁ କିଛି କରି ପାରିବୁନି ଏହାଠୁ ଭଲ ତୁ ଆତ୍ମହତ୍ୟା କରିଦେ ଏ କି ଜୀବନ ତୋର ଏହି ବିଜୟ ଖାଲି ଖେଳର ନୁହେଁ।ଏହା ମୋ ସମାଲୋଚକଙ୍କ ସମାଲୋଚନକୁ ଭୁଲ୍ ପ୍ରମାଣିତ କରିଦେଇଛି।ପ୍ୟାରିସ୍‌ରେ ନବଦୀପ ୪୭.୩୨ ମିଟର ଜାଭ୍‌ଲିନ୍ ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିଥିଲେ। ପୋଡକାଷ୍ଟ ବେଳେ ତାଙ୍କ ବାପାଙ୍କ ବିଷୟରେ ଆଲୋଚନା ବେଳେ ସେ ଭାବପ୍ରବଣ ହୋଇ କହିଥିଲେ, ସେ ଆରମ୍ଭ କରାଇଥିଲେ। ସବୁ ସମୟରେ ମୋ ସହ ଥିଲେ। ଏବେ ସେ ନାହାନ୍ତି, କିନ୍ତୁ ମୋ ସଫଳତାରେ ତାଙ୍କର ହିଁ ବଡ଼ ଭୂମିକା ରହିଛି।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ